Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୧୨, ଭୁବନେଶ୍ୱର, ୫ ରୁ ୧୧ ଫେବୃଆରୀ, ୨୦୨୪ Vol-1, Issue-12, Bhubaneswar, 5 to 11 February , 2024

# 'ଭାରତ ରତ୍ନ ମୋର ନୀତି ଓ ଆଦର୍ଶକୁ ମିଳିଛି'


**ନୂଆଦିଲ୍ଲୀ:** ଭାରତ ସରକାର ତାଙ୍କୁ ଭାରତ ରତ୍ନରେ ସମ୍ମାନୀତ କରିବାକୁ ଯାଉଥିବାରୁ ଆଡଭାନୀ କୃତଜ୍ଞତା ଜଣାଇଛନ୍ତି ।

ଭେଟରାନ ରାଜନେତା ଲାଲକୃଷ୍ଣ ଆଡଭାନୀ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନରେ ସମ୍ମାନୀତ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଏ ସମ୍ପର୍କରେ ଘୋଷଣା କରିଥିଲେ ।

ଭାରତ ସରକାର ତାଙ୍କୁ ଭାରତ ରତ୍ନରେ ସମ୍ମାନୀତ କରିବାକୁ ଯାଉଥିବାରୁ ଆଡଭାନୀ କୃତଜ୍ଞତା ଜଣାଇଛନ୍ତି । କିନ୍ତୁ ଭାରତ ରତ୍ନ କେବଳ ବ୍ୟକ୍ତିଗତ ଭାବେ ତାଙ୍କୁ ମିଳି ନାହିଁ । ବରଂ ଜୀବନବ୍ୟାପୀ ସେ ଯେଉଁ ନୀତି ଓ ଆଦର୍ଶକୁ ଅନୁପାଳନ କରିଚାଲିଥିଲେ, ତାକୁ ଭାରତ ରତ୍ନ ମିଳିଛି ବୋଲି ଆଡଭାନୀ କହିଛନ୍ତି ।

ସେ କହିଛନ୍ତି, "ଅତ୍ୟନ୍ତ ବିନମ୍ରତା ଓ କୃତଜ୍ଞତାର ସହ ମୁଁ ଭାରତ ରତ୍ନକୁ ଗ୍ରହଣ କରୁଛନ୍ତି । ଏହା କେବଳ ମୋର ବ୍ୟକ୍ତିଗତ ସମ୍ମାନ ନୁହେଁ, ଏହା ଜୀବନ ବ୍ୟାପୀ ମୁଁ ଯେଉଁ ନୀତି ଓ ଆଦର୍ଶକୁ ଯଥା ସମ୍ଭବ ପାଳନ କରିବାକୁ ଚେଷ୍ଟା କରିଛି, ତା'ର ସମ୍ମାନ ।"

ଭାରତ ରତ୍ନରେ ସମ୍ମାନୀତ କରାଯିବାକୁ ଥିବାରୁ ଆଡଭାନୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଥିସହ ସେ ତାଙ୍କ ପରିବାର ସମସ୍ତ ସଦସ୍ୟ ଓ ବିଶେଷ କରି ଦିବଂଗତ ପତ୍ନୀ କମଳା ଆଡଭାନୀଙ୍କୁ ମଧ୍ୟ ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି ।



ଆଡଭାନୀ କହିଛନ୍ତି, "୧୪ ବର୍ଷ ବୟସରେ ଆରଏସଏସରେ ମୁଁ ଯେତେବେଳେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେଲି ସେତେବେଳେ ମୁଁ ଦେଶ ପାଇଁ ସେବା କରିବାର ସୌଭାଗ୍ୟ କାମନା କରିଥିଲି । ମୋତେ ଜୀବନ ଯାହା ବି କାମ ଦେବ, ସେସବୁ କରିପାରିବି ବୋଲି ଚାହୁଁଥିଲି ।

ପଣ୍ଡିତ ଦିନଦୟାଲ ଉପାଧ୍ୟ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସହ କାମ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ସୌଭାଗ୍ୟ ମନେ କରୁଛି ।" ଆଡଭାନୀ ଦଳର ସମସ୍ତ କର୍ମୀ ଓ ସ୍ୱୟଂ ସେବକମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ।

ଲାଲକୃଷ୍ଣ ଆଡଭାନୀ ୨୦୦୨ରୁ ୨୦୦୪ ଯାଏ ଦେଶର ଉପ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ବିଜେପିର ସେ ଜଣେ ପ୍ରତିଷ୍ଠାତା ସଦସ୍ୟ । ସେ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଦୀର୍ଘ ସମୟ କାର୍ଯ୍ୟ କରିଥିବା ଗୃହମନ୍ତ୍ରୀ । ଏଥିସହ ଲୋକସଭାରେ ମଧ୍ୟ ସର୍ବାଧିକ ସମୟ ବିରୋଧୀ ଦଳର ନେତା ଭାବେ କାର୍ଯ୍ୟ କରିଛନ୍ତି । ୨୦୦୯ ସାଧାରଣ ନିର୍ବାଚନ ସମୟରେ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଥିଲେ ଲାଲକୃଷ୍ଣ ଆଡଭାନୀ ।

## ମନରେଗା ପାଇଁ ୮୬ ହଜାର କୋଟି, ଆୟୁଷ୍ମାନ ଭାରତକୁ ୭୫୦୦ କୋଟି

**ନୂଆଦିଲ୍ଲୀ:** କାମଚଳା ବଜେଟରେ କିଛି ନିର୍ଦ୍ଦିଷ୍ଟ ସରକାରୀ ଯୋଜନା ପାଇଁ ବ୍ୟୟବରାଦ କରାଯାଇଛି । ମନରେଗା ଓ ଆୟୁଷ୍ମାନ ଭାରତ ଭଳି ଯୋଜନାର ବଜେଟକୁ ଏଥର ବୃଦ୍ଧି କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ପାଇଁ ୮୬ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଗତବର୍ଷ ଏହା ୬୦ ହଜାର କୋଟି ଟଙ୍କା ରହିଥିଲା । ସେହିପରି ଆୟୁଷ୍ମାନ ଭାରତ ଯୋଜନା ପାଇଁ ୭୫୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ୨୦୨୩-୨୪ ବର୍ଷରେ ଏହି ଯୋଜନା ପାଇଁ ୭୨୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା । ଏହାବାଦ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ



ସ୍କିମ ପାଇଁ ୬୨୦୦ କୋଟି, ସେମି କଣ୍ଡକ୍ଟର ଓ ଡିସପ୍ଲେ ଉତ୍ପାଦନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୬,୯୦୩ କୋଟି, ସୋଲାର ପାୱାର(ଗ୍ରୀଡ) ପାଇଁ ୮,୫୦୦ କୋଟି ଓ ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ପାଇଁ ବଜେଟରେ ୬୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଏହି ସବୁ ସ୍କିମ ପାଇଁ ୨୦୨୩-୨୪ ବର୍ଷରେ ବହୁତ କମ ବ୍ୟୟ ଅଟକଳ କରାଯାଇଥିଲା । କିନ୍ତୁ ଏଥର କାମଚଳା ବଜେଟରେ ସରକାର ଏହି ସବୁ ସ୍କିମ ଉପରେ ଫୋକସ କରିଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରୀ ମୋଟ ୪୭.୬୬ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି । ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଓଡ଼ିଆ ସାହିତ୍ୟର ବ୍ୟାପ୍ତି ଓ ସମୃଦ୍ଧିରେ ଅନୁବାଦ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର: ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦୃଷ୍ଟିରେ ଆଣିବା ପାଇଁ ଅନୁବାଦର ଆବଶ୍ୟକତା ରହିଛି । ଓଡ଼ିଆ ସାହିତ୍ୟର ବ୍ୟାପ୍ତି ଓ ସମୃଦ୍ଧିରେ ଅନୁବାଦର ଗୁରୁତ୍ୱକୁ ସବୁମହଲରେ ହୃଦୟଙ୍ଗମ କଲେ ଆମ ଭାଷା ଓ ସାହିତ୍ୟର ବ୍ୟାପକ ଅଭିବୃଦ୍ଧି ହେବା ସହିତ ଓଡ଼ଆ ଭାଷା ଓ ସାହିତ୍ୟ ବିଶ୍ୱପ୍ରସାରିତ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆୟୋଜିତ ଅନୁବାଦ ସଂପର୍କିତ ଆଲୋଚନା ସଭାରେ ପ୍ରସିଦ୍ଧ ଅନୁବାଦକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ କହିଲେ ଯେ ସଂସ୍କୃତି ଓ ସଭ୍ୟତାର ସମୃଦ୍ଧି ନିମନ୍ତେ ଅନୁବାଦ ଆବଶ୍ୟକ । ସଭ୍ୟତାର ବିକାଶ ପର୍ଯ୍ୟଟନ, ଗମନାଗମନ ଦ୍ୱାରା ହୋଇଥାଏ ।

# ୨୬ ମନିଟରିଂ ଷ୍ଟେସନ୍‌ରେ ନଦୀଜଳ ପ୍ରଦୂଷିତ

ଭୁବନେଶ୍ୱର: ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ରାଜ୍ୟର ୧୧ଟି ନଦୀର ୧୨୯ ସ୍ଥାନରେ ଜଳର ଗୁଣାତ୍ମକ ମାନକୁ ନିୟମିତ ପରୀକ୍ଷା କରାଯାଉଛି । ମହାନଦୀ, ବ୍ରହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଲାବ, ବଂଶଧରା, ଇନ୍ଦ୍ରାବତୀ ଓ ବାହୁଡ଼ା ନଦୀର ଜଳର ବ୍ୟାବହାରିକ ଗୁଣବତ୍ତା ପରୀକ୍ଷା ହେଉଛି । ଏଥିରେ ପିଏଚ୍, ଡିଜଲଭ୍ଡ ଅକ୍ସିଜେନ୍ (ଡିଓ), ବାୟୋଲୋଜିକାଲ ଅକ୍ସିଜେନଲ ଡିମାଣ୍ଡ (ବିଓଡି), ଟୋଟାଲ କଲିଫର୍ମ (ଟିସି) ବ୍ୟାକ୍ଟେରିଆ ପରୀକ୍ଷା ହେଉଥିବା ବେଳେ ୨୬ ମନିଟରିଂ ଷ୍ଟେସନ୍‌ରେ ନଦୀ ଜଳ ଉଦ୍ଦିଷ୍ଟ ମାନ ଦଣ୍ଡ ଭିତରେ ନ ଥିବା ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ।

ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଅମାତ କହିଛନ୍ତି ଯେ ୧୩ଟି ସ୍ଥାନରେ ନଦୀ ଜଳରେ ଉଭୟ



ବିଓଡି ଓ ଟିସି, ଗୋଟିଏ ସ୍ଥାନରେ ବିଓଡି, ୨ଟି ସ୍ଥାନରେ ଡିଓ ଓ ୧୦ଟି ସ୍ଥାନରେ ଟିସି ଉଦ୍ଦିଷ୍ଟ ମାନର ମଧ୍ୟରେ ରହୁନାହିଁ । ଅବଶିଷ୍ଟ ୧୦୩ଟି ସ୍ଥାନରେ ନଦୀ ଜଳର ଗୁଣାତ୍ମକ ମାନ ଉଦ୍ଦିଷ୍ଟ ମାନ ଭିତରେ ରହୁଛି । ନଦୀ ଦଳ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ରାଜ୍ୟର ୬ଟି ସହରରେ ୩୭୧ ଏମ୍‌ଏଲ୍‌ଡି ପରିମାଣର ୧୩ଟି ଏସ୍‌ଟିପି ଏବଂ ୧୧୦ଟି ସିପଟ୍ଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ହୋଇଛି । ନଦୀ ଜଳର ପ୍ରଦୂଷଣ ସଂପର୍କରେ ବୋର୍ଡ ଅବଗତ ହେବା ପରେ କ୍ରମାଗତଭାବେ ସଂପୃକ୍ତ ପେ ?ରାଞ୍ଚଳ ଅଧିକାରୀମାନଙ୍କୁ ଅବଗତ କରୁଛନ୍ତି । ପ୍ରଦୂଷଣ ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଉଛନ୍ତି । ଏହାସହ ସଂପୃକ୍ତ ଜିଲ୍ଲା ଅଧିକାରୀ, ରାଜ୍ୟ ଗୃହ ଓ ଉନ୍ନୟନ ବିଭାଗ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଜଳ ଯୋଗାଣ ଓ ପରିମଳ ପରିଷଦକୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ।

ସେହିପରି ରାଜ୍ୟର ୧୮ଟି ସହରରେ ବାୟୁ ପ୍ରଦୂଷଣ ମାପକ ଯନ୍ତ୍ର ଦ୍ୱାରା ପ୍ରଦୂଷଣର ମାତ୍ରା ନିର୍ଦ୍ଧାରଣ କରାଯାଉଛି । ୨୦୨୩ରେ ବାୟୁର ଗୁଣବତ୍ତା ସୂଚକାଙ୍କ ବା ଏକ୍ୟୁଆଇ ଏହି ସମୟରେ ସନ୍ତୋଷଜନକ ବା ମଧ୍ୟମ ମାନ ଭିତରେ ରହୁଛି । କିଛି ସ୍ଥାନରେ କେବଳ ଧୂଳିକଣା (ପିଏମ୍୧୦), ସୂକ୍ଷ୍ମ ଧୂଳିକଣା (ପିଏମ୍୨୫)ର ମାନ ନିର୍ଦ୍ଧାରିତ ମାନରୁ ଅଧିକ ରହୁଛି । ଏହାର ପ୍ରତିକାର ପାଇଁ ଭୁବନେଶ୍ୱର, କଟକ, ରାଉରକେଲା ଆଦି ସହରରେ ରାସ୍ତାଘାଟରେ ଜମି ହୋଇଥିବା ଧୂଳିକଣାକୁ ସଫା କରିବା ପାଇଁ ମେକାନିକାଲ ସ୍ୱିପର ନିୟୋଜିତ କରାଯାଇଛି । ରାସ୍ତାରୁ ଧୂଳିକଣାକୁ ପ୍ରଶମିତ କରିବା ପାଇଁ ୱାଟର ମିଷ୍ଟ କ୍ୟାନନ ବା ଜଳସିଞ୍ଚନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପରିବେଶ ମନ୍ତ୍ରାଳୟଠାରୁ ମିଳିଥିବା ଅର୍ଥରାଶିକୁ ରାଜ୍ୟର ୭ଟି ନନ୍ ଆଟେନମେଣ୍ଟ ସିଟିମାନଙ୍କର ବାୟୁ ପ୍ରଦୂଷଣ ନିରାକରଣ ପାଇଁ ବିନିଯୋଗ କରାଯାଉଛି । ବାୟୁ ପ୍ରଦୂଷଣ ନିରାକରଣ ପାଇଁ ବୃକ୍ଷରୋପଣ, ରାସ୍ତାଘାଟର ନିୟମିତ ସଫେଇକରଣ ସହ ଜଳସିଞ୍ଚନ ବ୍ୟବସ୍ଥା, ପକ୍କା ରାସ୍ତା ନିର୍ମାଣ ଆଦି ପଦ୍ଧତିକୁ ଅବଲମ୍ବନ କରିବା ପାଇଁ ନଗର ନିଗମ ତଥା ପେ ?ରପାଳିକା କର୍ତ୍ତୃପକ୍ଷଙ୍କୁ ବୋର୍ଡ ତରଫରୁ ନିର୍ଦ୍ଦେଶନାମା ଦିଆଯାଇଛି । ପ୍ରଦୂଷର ଜନିତ ବ୍ୟାଧି ଓ ଚିକିତ୍ସା ବାବଦରେ ନିଆଯାଉଥିବା ବ୍ୟବସ୍ଥା ସଂପର୍କିତ ତଥ୍ୟ ସଂଗ୍ରହ କରାଯାଉଥିବା ସେ କହିଛନ୍ତି ।

୫ ରୁ ୧୧ ଫେବୃଆରୀ ୨୦୨୪

## ଗାନ୍ଧୀ ଦର୍ଶନ ସହଜ ସମାଧାନ

ଆଜକୁ ୧୫୦ ବର୍ଷ ତଳେ ଜନ୍ମ ଗ୍ରହଣ କରିଥିବା ଜଣେ ବ୍ୟକ୍ତି ବିଷୟରେ ଏତେ ତର୍କ ବିତର୍କ କାହିଁକି ? ଏଥିରୁ ସୂଚିତ ଯେ, ସେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ଯାହା ତାଙ୍କ ନୀତି ନିୟମ ବିରୋଧୀମାନଙ୍କୁ ଅସ୍ତ୍ୟବ୍ୟସ୍ତ କରି ପକାଉଛି । ଆଜିର ଇଣ୍ଟରନେଟ ଯୁଗରେ ଗୁଗୁଲ୍ ସର୍ଚ୍ଚ କଲେ ମହାତ୍ମା ଗାନ୍ଧୀ ଓ ଶିଳ୍ପ, ଗାନ୍ଧୀ ଓ ପରିବେଶ, ଗାନ୍ଧୀ ଓ ବିକାଶ, ଗାନ୍ଧୀ ଓ ମହିଳା ସଶକ୍ତିକରଣ, ଗାନ୍ଧୀ ଓ ସ୍ୱଚ୍ଛତା ଏମିତି ଅନେକ ଯେଉଁ ସବୁ ବିକାଶର ମୂଳଦୁଆର ସନ୍ଧାନରେ ସମଗ୍ର ବିଶ୍ୱ ବ୍ୟଗ୍ର, ସେସବୁ ଅନେକ ବର୍ଷ ଆଗରୁ ଜଣେ ବ୍ୟକ୍ତିଙ୍କ କଳ୍ପନା କେବଳ ନୁହେଁ ରଚନାତ୍ମକ କାର୍ଯ୍ୟରେ ରୂପାନ୍ତରିତ କରି ସାରିଛନ୍ତି । ନିଜକୁ ବିଜ୍ଞାପିତ କରିବାର ଏହି ସମୟରେ ଆମର ମୁଣ୍ଡିଆଳମାନଙ୍କୁ ଅନ୍ୟ କୌଣସି ଏକ ବ୍ୟକ୍ତିଙ୍କୁ ଶ୍ରେୟ ନ ଦେବାର ଚାତୁରିରେ ବୋଧହୁଏ ଏ ବିରୋଧାଭାସ । କାରଣ ଯାହା ହେଉନା କାହିଁକି ଗାନ୍ଧିଜୀଙ୍କ ଦର୍ଶନକୁ ଆଜି ସମଗ୍ର ବିଶ୍ୱ ଅନୁକରଣ କରୁଛି । 'ହ୍ୱାଟ ନଟ୍ ଷ୍ଟୋର' ପରି ଏମିତି କୌଣସି ବିଷୟବସ୍ତୁ ବା ସମସ୍ୟା ନାହିଁ ଯାହାର ସମାଧାନ ଗାନ୍ଧୀ ଦର୍ଶନରେ ନାହିଁ । ଗ୍ରାମ ସ୍ୱରାଜ ମାଧ୍ୟମରେ କୃଷି, କୁଟୀର ଓ ଗ୍ରାମ୍ୟ ଶିଳ୍ପ, ପରିବେଶ ସୁରକ୍ଷା, ସ୍ୱଚ୍ଛତା, ଆର୍ଥିକ ସମତା, ସ୍ୱାସ୍ଥ୍ୟରକ୍ଷା, ପ୍ରାଦେଶିକ ଭାଷାର ସମୃଦ୍ଧି ସହିତ ରାଷ୍ଟ୍ର ଭାଷାର ବିକାଶ, ଟ୍ରଷ୍ଟିସିପ, ନିଶା ନିବାରଣ, ପ୍ରତି ହାତକୁ କାମ ଓ ପ୍ରତି କ୍ଷେତରେ ଫସଲ ଉପରେ ଗୁରୁତ୍ୱ ଦିଏ ଗାନ୍ଧୀ ବିଚାର । ବିଶିଷ୍ଟ ବୈଜ୍ଞାନିକ ଆଇନଷ୍ଟାଇନ କହିଥିଲେ, 'ଆଗାମୀ ପିଢ଼ି ବିଶ୍ୱାସ କରିପାରିବ ନାହିଁ ଯେ ରକ୍ତମାଂସ ଧାରୀ ଏହି ଭଳି ଜଣେ ବ୍ୟକ୍ତି ଏ ଧରାପୃଷ୍ଠରେ ବିଚରଣ କରୁଥିଲେ ବୋଲି ।' ସତରେ ଯେଉଁମାନେ ଗାନ୍ଧୀଙ୍କୁ ପଢିନାହାନ୍ତି ବା ବୁଝି ନାହାନ୍ତି କେବଳ ସେମାନେ କାହିଁକି ଗାନ୍ଧୀଙ୍କୁ ଅତି ନିବିଡ ଭାବରେ ଜାଣିଥିବା ବୁଝିଥିବା ଲୋକମାନେ ମଧ୍ୟ ଏ କଥା ସତରେ ଭାବୁଛନ୍ତି । ସତରେ ଏ କେମିତି ସମ୍ଭବ ? ଆଣ୍ଠୁ ଉପରକୁ ଲୁଗା ପିନ୍ଧୁଥିବା ଛୋଟିଆ ମଣିଷଟିଏ ବାଡ଼ି ଖଣ୍ଡେ ଧରି ଏତେ ବଡ଼ ଅସମ୍ଭବକୁ କିଭଳି ସମ୍ଭବ କରିପାରିଲେ ? କେବଳ ସ୍ୱାଧୀନତା ସଂଗ୍ରାମ କାହିଁକି ସମାଜର ପ୍ରତିଟି ରଚନାତ୍ମକ କାର୍ଯ୍ୟରେ ତାଙ୍କର ଅବଦାନ ଆଜିର ପିଢିକୁ ଆଶ୍ଚର୍ଯ୍ୟ ଚକିତ କରୁଛି । ମହିଳା ସଶକ୍ତିକରଣ, ଆତ୍ମନିର୍ଭର ଭାରତ, ପରିବେଶର ସୁରକ୍ଷା, ନିଶା ନିବାରଣ, ଖଦୀ ଗ୍ରାମ୍ୟଉଦ୍ୟୋଗ, ଗ୍ରାମ ସ୍ୱରାଜ, ନିର୍ଭିକ ସାମ୍ବାଦିକତା ହେଉ ଅବା ମାନବ ଅଧିକାର କଥା କୁହନ୍ତୁ ଯାହା ଅଧୁନା ସମଗ୍ର ବିଶ୍ୱରେ ଆଲୋଡନ ସୃଷ୍ଟି କରୁଛି ସେଥି ମଧ୍ୟରୁ କେଉଁ କ୍ଷେତ୍ରରେ ବା ତାଙ୍କର ଛାପ ନାହିଁ ? ସେ କେବଳ କଥାରେ କହୁ ନ ଥିଲେ ବରଂ ତାଙ୍କର ଦୈନନ୍ଦିନ ଜୀବନ ଚର୍ଚ୍ଚା ଓ ଆଚରଣ ଉଚ୍ଚାରଣରେ ଥିଲା ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ, ଶରୀର ଶ୍ରମ, ଅସ୍ୱାଦ, ସର୍ବତ୍ର ଭୟ ବର୍ଜନ, ସର୍ବଧର୍ମ ସମାନତ୍ୱ , ସ୍ୱଦେଶୀ ସ୍ପର୍ଶ ଭାବନା, ବିନମ୍ର ବ୍ରତ ନିଷ୍ଠା ପରି ଏକାଦଶ ବ୍ରତର କଠିନ ସାଧନା । ପ୍ରକୃତି ସହିତ ମିତ୍ରତା ହିଁ ସୁସ୍ଥ ଜୀବନ ଚର୍ଯ୍ୟାର ମୂଳମନ୍ତ୍ର । ଗାନ୍ଧୀ ବିଚାର ଧାରା ସବୁବେଳେ ସକାରାତ୍ମକ ଅଟେ । ସର୍ବପଲ୍ଲୀ ରାଧାକୃଷ୍ଣନ ଉଲ୍ଲେଖ କରିଛନ୍ତି, ନୈତିକତା, ମାନବିକତା ଓ ରାଷ୍ଟ୍ରୀୟତା ଏହି ତିନୋଟି ଥିଲା ମହାତ୍ମାଙ୍କ ଶକ୍ତି ଯାହା ପାଇଁ ସେ ଖୁବ୍ ନିର୍ଭୀକତାର ସହିତ ପ୍ରତିଟି ପ୍ରତିକୂଳ ପରିସ୍ଥିତିକୁ ସାମନା କରି ପାରୁଥିଲେ । ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ, ତ୍ୟାଗ ବିହୀନ ଉପାସନା ପରି ସାତୋଟି ଭୟଙ୍କର ପାପରୁ ନିବୃତ୍ତ ରହିବା ପାଇଁ ଗାନ୍ଧୀ ସବୁବେଳେ କହୁଥିଲେ, ଯାହା ସାମ୍ପ୍ରତିକ ପରିସ୍ଥିତିରେ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ତାହା ଆମେ ସମସ୍ତେ ଅନୁଭବ କରୁଛୁ । ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱ ଅନୁଭବ କରୁଛି ଗାନ୍ଧୀଜୀଙ୍କ ଅହିଂସାର ମାର୍ଗ ହିଁ ଏକମାତ୍ର ବିକଳ୍ପ । ଏହାକୁ ଆମେ ସମସ୍ତେ ମଧ୍ୟ ଧୀରେ ମାନିବାକୁ ବାଧ୍ୟ ହେବୁ । ଗାନ୍ଧୀ ଜୀବିତ ଅଛନ୍ତି ଏବଂ ରହିବେ ମଧ୍ୟ ଆଗାମୀ ଯୁବ ପିଢ଼ିଙ୍କ ବିଚାର ମାଧ୍ୟମରେ ।

ଆଲବର୍ଟ ଆଇନଷ୍ଟାଇନ ହୁଅନ୍ତୁ ବା ଜର୍ମାନୀର ବିଶ୍ୱପ୍ରସିଦ୍ଧ ଅର୍ଥନୀତିଜ୍ଞ ସୁମାଚେର, ଅଥବା ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋର, ଏତେ ବଡ଼ ବଡ଼ ବିଜ୍ଞ ବ୍ୟକ୍ତିତ୍ୱ ଗାନ୍ଧୀ ଦର୍ଶନରେ ପ୍ରଭାବିତ ହୋଇ ସାରା ବିଶ୍ୱକୁ ଆଲୋକର ମାର୍ଗ ଦେଖାଇଥିଲେ । ଗାନ୍ଧୀଙ୍କ ଅସଂଖ୍ୟ ପତ୍ରବନ୍ଧୁଙ୍କ ମଧ୍ୟରେ ଥିଲେ ଟଲଷ୍ଟୟ, ଆଇନଷ୍ଟାଇନ, ଡର୍ବାନ, ପ୍ରିଟୋରିଆ । ଜୋହାନ୍ସବର୍ଗରେ ତିନୋଟି ଫୁଟ୍‌ବଲ୍ କ୍ଲବ ଗଠନରେ ଗାନ୍ଧୀ ଥିଲେ ମୁଖ୍ୟ ପୁରୋଧା ।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।**

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଜାତିଗତ ଜନଗଣନା ଓ ପଛୁଆ ବର୍ଗ ରାଜନୀତି

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ଜାତିଗତ ଜନଗଣନା ପାଇଁ ଦାବୀ ଜୋର ଧରିଥିବା ବେଳେ ପ୍ରଥମ ଥର ପାଇଁ ଗୋଟିଏ ରାଜ୍ୟର ଜାତିଗତ ଜନଗଣନାର ଚିତ୍ର ସାମନାକୁ ଆସିଛି । ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ବିହାର ସରକାରଙ୍କ ଦ୍ୱାରା କିଛି ଦିନ ତଳେ କରାଯାଇଥିବା ଜାତିଗତ ଜନଗଣନାର ରିପୋର୍ଟକୁ ଇତି ମଧ୍ୟରେ ସାର୍ବଜନୀନ କରାଯାଇଛି । ଦେଶରେ ପଛୁଆ ବର୍ଗର ଜାତିମାନଙ୍କ ସଂଖ୍ୟା ନେଇ ବିଭିନ୍ନ ଅନୁମାନ ଚାଲିଥିବା ବେଳେ ଏହି ରିପୋର୍ଟ ଏକଦମ୍ ଚହଳ ସୃଷ୍ଟି କରିଛି । କାରଣ ଦେଶରେ ପଛୁଆ ବର୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପାଖାପାଖି ୫୦% ବୋଲି ଅନୁମାନ କରାଯାଉଥିବା ବେଳେ ବିହାରରେ ତାହା ୬୩.୧୪% ବୋଲି ରିପୋର୍ଟ କହିଛି । ଏଯାଏଁ ଜାତିଗତ ଜନଗଣନାକୁ ବିରୋଧ କରି ଆସୁଥିବା କେନ୍ଦ୍ରର ବିଜେପି ସରକାର ବିହାର ସରକାରଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ଅତ୍ୟନ୍ତ ଅସହଜ ସ୍ଥିତିରେ ଥିବା ମନେହେଉଛି । ବିଶେଷ କରି ଜାତୀୟ ରାଜନୀତିରେ ସେମାନଙ୍କ ମୁଖ୍ୟ ବିରୋଧୀ ପକ୍ଷ ଭାବେ ପରିଚିତ ଇଣ୍ଡିଆ ମେଂଟର ଦଳମାନଙ୍କ ପକ୍ଷରୁ ଗତ କିଛି ମାସ ଧରି ଦେଶରେ ପଛୁଆ ବର୍ଗର ଉପଯୁକ୍ତ ପ୍ରତିନିଧିତ୍ୱର ପ୍ରସଙ୍ଗକୁ ଯେଉଁଭଳି ଭାବେ ବାରମ୍ବାର ଉଠାଯାଉଛି, ସେତେବେଳେ ବିହାର ସରକାରଙ୍କ ରିପୋର୍ଟଟି ଶାସକ ବିଜେପିର ନେତୃତ୍ୱକୁ ଏକରକମ ରକ୍ଷାତ୍ମକ ସ୍ଥିତିକୁ ଠେଲିଦେଇଛି ।

ବିହାର ସରକାରଙ୍କ ପକ୍ଷରୁ ପ୍ରକାଶିତ ଜାତିଗତ ଜନଗଣନାର ରିପୋର୍ଟଟି ଏକଦମ୍ ଚହଳ ସୃଷ୍ଟି କରିଛି । ଏଯାଏଁ ଦେଶର ଜନସଂଖ୍ୟାରେ ପଛୁଆ ବର୍ଗଙ୍କ ସଂଖ୍ୟାଟି ପ୍ରାୟ ୫୦% ବୋଲି ଅନୁମାନ କରାଯାଉଥିବା ବେଳେ ବିହାରରେ ତାହା ୬୩.୧୪% ବୋଲି ଜଣାପଡ଼ିଛି । ଅନ୍ୟପଟେ ଜନସଂଖ୍ୟାର ମାତ୍ର ୧୫.୫୨% ହିଁ ସାଧାରଣ ବର୍ଗର ରହିଥିବା ଜଣାପଡ଼ିଛି । ଜନସଂଖ୍ୟାର ୧୯.୬୫% ଅନୁସୂଚିତ ଜାତିର ହୋଇଥିବା ବେଳେ ୧.୬୮% ଅନୁସୂଚିତ ଉପଜାତିର ରହିଛନ୍ତି । ପଛୁଆ ବର୍ଗର ଲୋକଙ୍କ ମଧ୍ୟରେ ୨୭.୧୪% ପଛୁଆ ବର୍ଗ ଓ ୩୬.୦୧% ଅତି ପଛୁଆ ବର୍ଗର ରହିଛନ୍ତି । ରାଜ୍ୟର ଅନ୍ୟ ଜାତିମାନଙ୍କ ମଧ୍ୟରେ ଉଚ୍ଚ ଜାତି ବା ସାଧାରଣ ବର୍ଗ ରୂପେ ପରିଚିତ ବ୍ରାହ୍ମଣଙ୍କ ସଂଖ୍ୟା ୩.୬% ହୋଇଥିବା ବେଳେ ୩.୪୫% ରାଜପୁତ, ୨.୮୯% ଭୂମିହାର, ୦.୬୦% କାୟସ୍ଥ ବା କରଣ, ୧୪.୨୬% ଯାଦବ, ୨.୮୭% କୁର୍ମି, ୨.୮୧% ତେଲି, ୩.୦୮% ମୁସହର (ଦଳିତ ସମ୍ପ୍ରଦାୟର) ଓ ୦.୬୮% ସୋନାର ବା ସୁନାରି ସମ୍ପ୍ରଦାୟର ଅଟନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ସମାଜରେ ରହିଥିବା ସାମାଜିକ ଅସମାନତାକୁ ଦୂର କରିବାକୁ ନୀତି ଓ ଯୋଜନା କରିବାକୁ ହେଲେ ପଛୁଆ ବର୍ଗ ସମେତ ସବୁ ସମ୍ପ୍ରଦାୟର ଲୋକଙ୍କ




ପ୍ରକୃତ ସଂଖ୍ୟାଟି ଜାଣିବା ଅତ୍ୟନ୍ତ ଜରୁରୀ ଥିଲା । ୧୯୩୧ ମସିହା ଜନଗଣନା ପରେ କେବଳ ଅନୁସୂଚୀତ ଜାତି ଓ ଜନଜାତିଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ସମ୍ପ୍ରଦାୟର ଜାତିଗତ ଗଣନା ହେଉନଥିଲା । ଏଭଳି ପରିସ୍ଥିତିରେ ପଛୁଆ ବର୍ଗର ଜାତିମାନଙ୍କ ଜନସଂଖ୍ୟାର ଗଣନା ପାଇଁ ବାରମ୍ବାର ଦାବୀ କରିବା ସତ୍ତ୍ୱେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନନେବାରୁ ବିହାର ସରକାର ନିଜସ୍ୱ ଭାବେ ରାଜ୍ୟରେ ଜାତି ଜନଗଣନା କରିବାକୁ ଏକ ଅତ୍ୟନ୍ତ ଆଗୁଆ ଓ ପ୍ରସଂଶନୀୟ ପଦକ୍ଷେପ ନେଇଥିଲେ । କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକାର ପ୍ରତିବନ୍ଧକ ସତ୍ତ୍ୱେ ସେମାନେ କେବଳ ଜାତିଗତ ଗଣନାକୁ ସଫଳ କଲେନାହିଁ ବରଂ ତା'ର ରିପୋର୍ଟକୁ ଜାରି କରିବାର ସାହସ ମଧ୍ୟ ଦେଖାଇଛନ୍ତି ।

ଜାତିଗତ ଜନଗଣନା କରିବା ଦାବିଟି ଏହିକ୍ଷଣି ଏକ ଜାତୀୟ ପ୍ରସଙ୍ଗରେ ପରିଣତ ହେବାରେ ଲାଗିଛି । ବିରୋଧୀ ଦଳମାନଙ୍କ ମେଂଟ ଇଣ୍ଡିଆର ବେଙ୍ଗାଲୁରୁ ବୈଠକ ପରେ ସେମାନେ ବିଧିବଦ୍ଧ ଭାବେ ଏହି ଦାବିକୁ ଉଠାଇଛନ୍ତି । ବିଶେଷ କରି ମହିଳା ବିଲ୍‌କୁ ନେଇ ଆୟୋଜିତ ସଂସଦର ଗତ ବିଶେଷ ଅଧିବେଶନ ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେଙ୍କଠାରୁ ଆରମ୍ଭ କରି ଜେଡ଼(ୟୁ) ସଭାପତି ଲଲନ୍ ସିଂ, ଆର୍‌ଜେଡ଼ିର ମନୋଜ ଝାଙ୍କ ପର୍ଯ୍ୟନ୍ତ ବିରୋଧୀ ଦଳମାନଙ୍କର ସବୁ ପ୍ରମୁଖ ନେତା ଅତ୍ୟନ୍ତ ସୁନିୟୋଜିତ ଭାବେ ଓବିସି ଓ ଜାତିଗତ ଜନଗଣନା ପ୍ରସଙ୍ଗକୁ ଉଠାଇ ମହିଳା ସଂରକ୍ଷଣ ରାଜନୀତିକୁ ପାଣିଚିଆ କରିଦେଇଥିଲେ । ନିକଟରେ ମଧ୍ୟପ୍ରଦେଶ ଓ ଛତିଶଗଡ଼ଠାରେ ଆୟୋଜିତ ଜନସଭାରେ ମଧ୍ୟ ରାହୁଲ ଗାନ୍ଧୀ ଜୋରଦାର ଭାବେ ଏହି ପ୍ରସଙ୍ଗକୁ ଉଠାଇବା ପରେ ଆଗାମୀ ଦିନରେ ଏହା ଏକ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗରେ ପରିଣତ ହେବାକୁ ଯାଉଥିବା ସ୍ପଷ୍ଟ ହୋଇଯାଇଛି ।

ଜନଗଣନାରେ ଜାତିକୁ ସାମିଲ କରିବା ଦାବିଟି ନୂଆ ନୁହେଁ । ଦେଶରେ ସାମାଜିକ ନ୍ୟାୟ ପାଇଁ ସଂଘର୍ଷରତ ଶକ୍ତିମାନେ ଲଗାତାର ଭାବେ ଏହି ଦାବି ଉଠାଇ ଆସିଛନ୍ତି । ନିଜକୁ ସାମାଜିକ ନ୍ୟାୟର ପକ୍ଷଧର ବୋଲି ଦାବି କରୁଥିବା ଆର୍‌ଜେଡ଼ି, ସମାଜବାଦୀ ପାର୍ଟି, ଜନତା ଦଳ (ୟୁ) ପରି ରାଜନୈତିକ ଦଳମାନେ ଏହି ଦାବି କରି ଆସିଛନ୍ତି । ନିକଟ ଅତିତରେ ଓଡ଼ିଶା ଓ ମହାରାଷ୍ଟ୍ର ବିଧାନସଭାରେ ମଧ୍ୟ ଏଥିପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇ ଜାତିଗତ ଗଣନା କାମ ଆରମ୍ଭ ହୋଇଛି । କେବଳ ବିରୋଧି ଦଳ ହିଁ ନୁହଁନ୍ତି, କେନ୍ଦ୍ର ସରକାରରେ ସାମିଲ ରାମଦାସ ଅଠାୱାଲେ ଏବଂ ବିଜେପି ନେତ୍ରୀ ଉମା ଭାରତୀ ଓ ପଙ୍କଜା ମୁଣ୍ଡେଙ୍କ ସମେତ ଶାସକ ଏନ୍‌ଡ଼ିଏ ମେଂଟର ଅନେକ ପଛୁଅ । ବର୍ଗର ନେତା ମଧ୍ୟ ଦେଶରେ ଜାତିଗତ ଜନଗଣନା କରିବା ସପକ୍ଷରେ ନିଜର ମତବ୍ୟକ୍ତ କରିଛନ୍ତି ।

ଜାତିର ଆଧାରରେ ଭେଦଭାବ ଏପରିକି ଆକ୍ରମଣ, ନିର୍ଯ୍ୟାତନା ଆମ ସମାଜର ଏକ ନଗ୍ନ ବାସ୍ତବତା । ହଜାର ହଜାର ବର୍ଷର ଜାତି ବ୍ୟବସ୍ଥା ଯୋଗୁଁ ଆଜି ବି ସମାଜର ଏକ ବଡ଼ ସଂଖ୍ୟକ ଅଂଶ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ରହିଛନ୍ତି । ଶିକ୍ଷା ଓ ଚାକିରୀରେ ସେମାନଙ୍କ ଅସମାନ ପ୍ରତିନିଧିତ୍ୱ ରହିଛି । ତେବେ ଉପରୋକ୍ତ ଅସମାନତାକୁ ଦୂର କରିବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ତାହା ଭାରତୀୟ ସମାଜରେ ଏବେ ବି ଅବ୍ୟାହତ ରହିଛି । ଏଭଳି ଅସମାନତା ରହିବା ପଛରେ ପ୍ରମୁଖ କାରଣଟି ହେଲା, ସମାଜର ଉତ୍ପାଦନର ଉପକରଣଗୁଡ଼ିକ ପ୍ରାୟତଃ ଉଚ୍ଚଜାତିର ଲୋକଙ୍କ ପାଖରେ ରହିଛି ଏବଂ ଅମଲାତନ୍ତ୍ର ଓ ବିଚାର ବ୍ୟବସ୍ଥା ସହିତ ରାଷ୍ଟ୍ରର ବିଭିନ୍ନ ଅଙ୍ଗରେ ସେମାନଙ୍କର ହିଁ ଆଧିପତ୍ୟ ରହିଛି । ସାମାଜିକ ନ୍ୟାୟ ପାଇଁ ରହିଥିବା ସାମ୍ବିଧାନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇ ନଦେବା ପାଇଁ ଉଚ୍ଚଜାତିଙ୍କ ଆଧିପତ୍ୟ ରହିଥିବା ଆମର ରାଷ୍ଟ୍ରବ୍ୟବସ୍ଥା ହିଁ ପ୍ରମୁଖ ଭାବରେ ଦାୟୀ । ଶିକ୍ଷା, ଚାକିରୀରେ ବିଶେଷ କରି ସର୍ବୋଚ୍ଚ ସ୍ତରରେ ତଳ ଓ ମଧ୍ୟବର୍ତ୍ତି ଜାତିଗୁଡ଼ିକ ପାଇଁ ସଂରକ୍ଷଣ ସତ୍ତ୍ୱେ ସେମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ନହେବା ଏକ ବାସ୍ତବତା ।

ଭାରତ ପରି ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଓ ନୀତି ଗ୍ରହଣ କରିବାକୁ ନାଗରିକଙ୍କ ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ଜାଣିବା ସରକାରଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ସେହି ଦୃଷ୍ଟିରୁ ପ୍ରତି ଦଶ ବର୍ଷରେ ଆୟୋଜିତ ହେଉଥିବା ଜନଗଣନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଆମ ଦେଶରେ ସର୍ବପ୍ରଥମେ ବ୍ରିଟିଶମାନେ ଜନଗଣନା ଆରମ୍ଭ କରିଥିଲେ । ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପରେ ଭାରତ ସିଧାସଳଖ ବ୍ରିଟିଶ ସରକାରଙ୍କ ଅଧୀନକୁ ଆସିବା ପରେ ଭାରତୀୟଙ୍କୁ ଶାସନ କରିବାକୁ ତଥା ସରକାରଙ୍କ ବିଭିନ୍ନ ନୀତି ନିର୍ଦ୍ଧାରଣ ପାଇଁ ଜନଗଣଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ସେମାନଙ୍କ ପାଇଁ ଜରୁରୀ ଥିଲା । ସେହି କ୍ରମରେ ହିଁ ସେମାନେ ଦେଶରେ ୧୮୭୨ ମସିହାରେ ଜନଗଣନା ଆରମ୍ଭ କରିଥିଲେ । ତେବେ ୧୮୮୧ ମସିହାରୁ ହିଁ ଏହା ପୂର୍ଣ୍ଣାଙ୍ଗ ଭାବେ ଆରମ୍ଭ ହୋଇ ପ୍ରତି ଦଶ ବର୍ଷର ବ୍ୟବଧାନରେ ସଂଗଠିତ ହେଉଥିଲା । କେବଳ ୧୯୪୧ ମସିହାର ଜନଗଣନାଟି ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ସମ୍ପୂର୍ଣ୍ଣ ହୋଇପାରିନଥିଲା ।

ବ୍ରିଟିଶ ଶାସନ କାଳରେ ୧୮୮୧ ମସିହାରୁ ୧୯୩୧ ମସିହା ପର୍ଯ୍ୟନ୍ତ ଆୟୋଜିତ ଦେଶର ପ୍ରତିଟି ଜନଗଣନାରେ ଜାତି, ଧର୍ମ ସମେତ ସତରଟି ପ୍ରଶ୍ନକୁ ନେଇ ଜନଗଣନା ହେଉଥିଲା । ୧୯୪୧ ମସିହାରେ ଜନଗଣନା ହୋଇପାରି ନଥିବାରୁ ୧୯୩୧ର ଜନଗଣନା ହିଁ ଜାତିର ଆଧାରରେ ଶେଷ ଜନଗଣନା ଥିଲା । ୧୯୫୧ ମସିହାରେ ଅନୁଷ୍ଠିତ ଜନଗଣନା ଯଦିଓ ସ୍ୱାଧୀନ ଭାରତର ପ୍ରଥମ ଜନଗଣନା ଥିଲା, କିନ୍ତୁ ସେଥିରେ ପ୍ରଥମ ଥର ପାଇଁ ଜାତିର ଗଣନାକୁ ବାଦ ଦିଆଯାଇଥିଲା । ସମ୍ବିଧାନରେ ଅନୁସୂଚୀତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିବାରୁ କେବଳ ଏହି ଦୁଇ ସମ୍ପ୍ରଦାୟର ଲୋକଙ୍କ ଜାତିକୁ ହିଁ ଜନଗଣନାରେ ସ୍ଥାନ ଦିଆଯାଇଥିଲା । ତେବେ ସରକାରଙ୍କ ଏଭଳି ନିଷ୍ପତ୍ତି ପଛରେ ସେଭଳି କୌଣସି ତର୍କ ନଥିଲା । ଯଦିଓ ଏକ ଆଧୁନିକ ଭାରତ ନିର୍ମାଣ ହେବାକୁ ଯାଉଥିବାରୁ ଜନଗଣନାରେ ଜାତିକୁ ଆଣିବା ଠିକ୍ ହେବନି ବୋଲି ତତ୍କାଳୀନ ଶାସକମାନଙ୍କ ପକ୍ଷରୁ ଯୁକ୍ତି ଦିଆଗଲା, କିନ୍ତୁ ସେମାନଙ୍କ ଉପରୋକ୍ତ ନିଷ୍ପତ୍ତି ପଛରେ ଜାତିଗତ ଆଧିପତ୍ୟର ମାନସିକତା ରହିଥିଲା । ବୋଧହୁଏ, ଜାତିଗତ ଜନଗଣନା କରି ସେମାନେ ସମାଜରେ ରହିଥିବା ଜାତିଗତ ବୈଷମ୍ୟ ଏବଂ ସମ୍ପଦ ତଥା ସୁବିଧାରେ ରହିଥିବା ବିଷମ ଭାଗିଦାରୀକୁ ସାମନାକୁ ଆଣିବାକୁ ଚାହୁଁନଥିଲେ । କହିବାକୁ ଗଲେ, ଏହା ଘରର ମଇଳାକୁ କାର୍ପେଟ୍ ତଳେ ଘୋଡ଼େଇ ରଖିବା ପରି ଥିଲା ।

ଯଦିଓ ବ୍ରିଟିଶ ଶାସକମାନଙ୍କ ଦ୍ୱାରା ୧୯୩୧ ମସିହାରେ ଦେଶରେ ଜାତିର ଭିତ୍ତିରେ ଶେଷ ଜନଗଣନା ହୋଇଥିଲା କିନ୍ତୁ ତାହା ସମଗ୍ର ଭାରତର ଜନଗଣନା ନଥିଲା । ଏହା କେବଳ ତତ୍କାଳୀନ ବ୍ରିଟିଶ ଶାସନାଧୀନ ଭାରତରେ ହିଁ ହୋଇଥିଲା । ତତ୍କାଳୀନ ଦେଶୀୟ ରାଜ୍ୟମାନଙ୍କରେ ଏହା ହୋଇନଥିବାରୁ ସେସବୁ ରାଜ୍ୟରେ ବସବାସ କରୁଥିବା ଜନଗଣଙ୍କ ତଥ୍ୟ ଏଥିରେ ସାମିଲ ହୋଇପାରି ନଥିଲା । ଅତଏବ ୧୯୩୧ ପରଠାରୁ ଆଜି ଯାଏଁ ଦେଶରେ ଜାତିଗତ ଜନଗଣନା ହୋଇ ନଥିବାରୁ କେଉଁ ଜାତିର କେତେ ଲୋକ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଉପଲବ୍ଧ ନାହିଁ । ଏପରିକି ପଛୁଆ ଜାତିର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ପଶ୍ଚାଦପଦତାକୁ ଦୂର କରିବାକୁ ଗଠିତ ମଣ୍ଡଳ କମିଶନଙ୍କ ରିପୋର୍ଟ ବି ୧୯୩୧ ମସିହାର ଜନଗଣନାର ତଥ୍ୟର ଆଧାରରେ ହିଁ ହୋଇଥିଲା ।

**ଫୋନ - ୯୪୩୭୧୬୬୩୯୧**

ଭାଗ-୧ । ସଂଖ୍ୟା-୧୨ । ଭୁବନେଶ୍ୱର । ୫ରୁ ୧୧ ଫେବୃଆରୀ ୨୦୨୪
Vol-1 I Issue-12 I Bhubaneswar I 5 to 11 February 2024

### ନିମୋନିଆ ଚିକିତ୍ସା ପାଇଁ ଦିଆଯାଉଛି ଲୁହା ଚେଙ୍କ

# ୨ ମାସରେ ଗଲାଣି ୫ ଶିଶୁଙ୍କ ଜୀବନ

**ନୂଆଦିଲ୍ଲୀ:** ବିଜ୍ଞାନର ଅଗ୍ରଗତି ଏବଂ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସତ୍ତ୍ୱେ ଅନେକ ଲୋକ ଏବେବି ଗୁଣିଗାରେଡ଼ି, ଝଡ଼ାଫୁଙ୍କା ଆଦିରେ ବିଶ୍ୱାସ କରୁଛନ୍ତି। ମଧ୍ୟପ୍ରଦେଶରେ ଗତ ଦୁଇ ମାସ ମଧ୍ୟରେ ନିମୋନିଆ ଆକ୍ରାନ୍ତ ଶିଶୁଙ୍କୁ ଲୁହା ଚେଙ୍କ ଦେବା କାରଣରୁ ଚାରି ଜଣଙ୍କର ମୃତ୍ୟୁ ଘଟିଥିବା ଭଳି ଖବର ସାମ୍ନାକୁ ଆସିଛି। ଗତକାଲି ପୁଣି ଜଣେ ପାଞ୍ଚ ମାସର ଶିଶୁଙ୍କୁ ଲୁହା ଚେଙ୍କ ଦିଆଯାଇଥିବାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଶିଶୁ ଶହଦୋଲ ପଥ୍ର ଗାଁର ରାମଦାସ କୋଲଙ୍କ ପୁଅ ହୃଶଭ କୋଲ। ତାକୁ ଗତ ସୋମବାର ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ମେଡିକାଲ କଲେଜକୁ ପଠାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ହୃଶଭର ମୃତ୍ୟୁ ଘଟିଛି। ହୃଶଭକୁ ନିମୋନିଆ ହେବା ସହ ସେପ୍ଟିସିମିଆ (ବ୍ୟାକ୍ଟେରିଆ କାରଣରୁ ରକ୍ତ ବିଷାକ୍ତ ହେବା) ଆକ୍ରାନ୍ତ କରୁଥିବା ଡାକ୍ତର କହିଛନ୍ତି।

ଶିଶୁର ପେଟରେ ତିନୋଟି ଦାଗ ଥିବାରୁ ଲୁହା ଚେଙ୍କ ଦିଆଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରୁନାହିଁ ବୋଲି ଶହଦୋଲ ଜିଲ୍ଲା ହସ୍ପିଟାଲର ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡ. ଏ.କେ ଲାଲ କହିଛନ୍ତି। ଡ. ଏ.କେ ଲାଲ କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ନିମୋନିଆ ଚିକିତ୍ସା ପାଇଁ ଲୁହା ଚେଙ୍କ ଦିଆଯାଉଥିବା ଖବର ସାମ୍ନାକୁ ଆସୁଛି। ଲୋକଙ୍କୁ ସଚେତନ କରାଇବା ପାଇଁ ଡ୍ରାଇଭ୍ ଆରମ୍ଭ ହୋଇଛି।

ସେ ଆହୁରି କହିଛନ୍ତି, 'ଜିଲ୍ଲାପାଳ ଲୋକଙ୍କ ସଚେତନତା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।



ସମସ୍ତ ଆଶା କର୍ମଚାରୀ ଘରକୁ ଘର ଯାଇ ଲୋକମାନଙ୍କୁ ବୁଝାଉଛନ୍ତି। ଏଥିସହ ଚେଙ୍କ ଦାଗ ଥିବା ପିଲାମାନଙ୍କୁ ଚିହ୍ନଟ କରି ତୁରନ୍ତ ଚିକିତ୍ସା କରାଉଛନ୍ତି।

ପ୍ରକାଶ ଥାଉ କି, ଏହାପୂର୍ବରୁ ଜାନୁଆରୀ ୯ରେ ସମାନ ଭାବରେ ନିମୋନିଆରେ ପୀଡିତ ଜଣେ ଶିଶୁକୁ ଚେଙ୍କ ଦେବାରୁ ତାର ମୃତ୍ୟୁ ଘଟିଥିଲା। ଏନେଇ ଶିଶୁର ପରିବାର ଲୋକଙ୍କ ବିରୁଦ୍ଧରେ ବିରୁହର ଥାନାରେ ଏତଲା ଦିଆଯାଇଥିଲା। ସେହିପରି ଜାନୁଆରୀ ୧ରେ ମଧ୍ୟ ଅନୁପୁର ଜିଲ୍ଲାର ଏକ ତିନି ମାସର ଶିଶୁକୁ ନିମୋନିଆ ଚିକିତ୍ସା ପାଇଁ ଚେଙ୍କ ଦିଆଯିବାରୁ ମୃତ୍ୟୁ ଘଟିଥିଲା। ଡିସେମ୍ବରରେ ଶହଦୋଲ ଜିଲ୍ଲାରୁ ମଧ୍ୟ ଏହିପରି ଦୁଇଟି ଘଟଣା ସାମ୍ନାକୁ ଆସିଥିଲା, ଡିସେମ୍ବର ୨୯ରେ, ନିମୋନିଆ ଚିକିତ୍ସା ପାଇଁ ଏକ ଦେଢ ମାସର ଶିଶୁକୁ ଚେଙ୍କ ଦେବା କାରଣରୁ ମୃତ୍ୟୁ ଘଟିଥିଲା। ସେହିପରି, ଡିସେମ୍ବର ୧୯ରେ, ତିନି ମାସର ଶିଶୁର ମଧ୍ୟ ମୃତ୍ୟୁ ଘଟିଥିଲା। ଏପରି ଘଟଣା ବାରମ୍ବାର ହେଉଥିବାରୁ ପ୍ରଶାସନ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

## ସପ୍ତାହକୁ ଥରେ ସ୍ତ୍ରୀଙ୍କୁ ଭେଟି ପାରିବେ ସିସୋଦିଆ

**ନୂଆଦିଲ୍ଲୀ:** ଜେଲ୍‌ରେ ବନ୍ଦ ଥିବା ଆପ୍ ନେତା ମନୀଷ ସିସୋଦିଆଙ୍କୁ ମିଳିଲା ଆଶ୍ୱସ୍ତି। ଏବେ ସପ୍ତାହରେ ଥରେ ସେ ନିଜ ଅସୁସ୍ଥ ସ୍ତ୍ରୀଙ୍କୁ ଭେଟିପାରିବେ। ଏନେଇ ତାଙ୍କୁ ଦିଲ୍ଲୀର ଏକ ସ୍ୱତନ୍ତ୍ର କୋର୍ଟ ଅନୁମତି ଦେଇଛି। ଏଥିସହ ମନୀଷ ସିସୋଦିଆଙ୍କ ନିୟମିତ ଜାମିନ ଆବେଦନ ଉପରେ ଫେବ୍ରୁଆରୀ ୨୨ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ସିସୋଦିଆ ସପ୍ତାହରେ ଥରେ ଘରକୁ ଯାଇ ନିଜ ପତ୍ନୀଙ୍କୁ ଭେଟି ପାରିବେ। ଏଥିସହ ଡାକ୍ତରଙ୍କ ସହ ମଧ୍ୟ ସେ ସାକ୍ଷାତ କରିପାରିବେ। ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ଏହି ବ୍ୟବସ୍ଥା ଲାଗୁ ରହିବ। ଏନେଇ ଦିଲ୍ଲୀର ରାଉଜ ରେଭେନ୍ୟୁ କୋର୍ଟ ତାଙ୍କୁ ଅନୁମତି ଦେଇଛନ୍ତି।



ମନୀଷ ସିସୋଦିଆଙ୍କ ପତ୍ନୀ ସୀମା ସିସୋଦିଆ ଦୀର୍ଘ ଦିନ ହେବ ଅସୁସ୍ଥ ଅଛନ୍ତି। ଅଟୋଇମ୍ୟୁନ ଡିସଅର୍ଡର, ମଲ୍ଟିପୁଲ ସ୍କେଲେରୋସିସରେ ପୀଡିତ। ତାଙ୍କୁ ଏଥିପାଇଁ ଅନେକ ଥର ହସ୍ପିଟାଲରେ ଆଡମିଟ୍ କରିବାକୁ ପଡିଥିଲା। ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ମାମଲାର ଅର୍ଥ ହେରଫେର ଅଭିଯୋଗରେ ଗତବର୍ଷ ଫେବ୍ରୁଆରୀ ୨୬ ତାରିଖରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତଥା ସିବିଆଇ ମନୀଷ ସିସୋଦିଆଙ୍କୁ ଗିରଫ କରିଥିଲା। ସେବେଠାରୁ ସେ ଜେଲ୍‌ରେ ଅଛନ୍ତି। ତାଙ୍କ ଜାମିନ ଆବେଦନକୁ ସୁପ୍ରିମ କୋର୍ଟ ଖାରଜ କରିଦେଇଥିଲେ।

## ସାମୂହିକ ବିବାହ ସ୍କାମ: ୧୫ ଗିରଫ

**ନୂଆଦିଲ୍ଲୀ:** ମିଛ କନିଆ ହେବା ପାଇଁ ମହିଳାମାନଙ୍କୁ ୫୦୦ ଟଙ୍କା ଲେଖାଏଁ ଦିଆଯାଇଥିବା ବେଳେ ବର ହେବା ପାଇଁ ପୁରୁଷମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା। ଉତ୍ତର ପ୍ରଦେଶରେ ଏକ ବଡ଼ ସାମୂହିକ ବିବାହ ସ୍କାମ ସାମ୍ନାକୁ ଆସିବା ପରେ ୨ ଜଣ ସରକାରୀ ଅଧିକାରୀଙ୍କ ସମେତ ୧୫ ଜଣଙ୍କୁ ଗିରଫ କରାଯାଇଛି। ମିଛ ସାମୂହିକ ବିବାହର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ଜାନୁଆରୀ ୨୫ ତାରିଖରେ ଉତ୍ତର ପ୍ରଦେଶର ବଲିୟା ଜିଲ୍ଲାରେ ଆୟୋଜିତ ହୋଇଥିଲା ଏକ ସାମୂହିକ ବିବାହ କାର୍ଯ୍ୟକ୍ରମ। ଏଥିରେ ୫୬୮ ଯୋଡ଼ିଙ୍କ ବିବାହ ସମ୍ପନ୍ନ ହୋଇଥିଲା ବୋଲି ସଂପୃକ୍ତ ସରକାରୀ ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ସୋଶାଲ ମିଡିଆରେ ଏହି ସାମୂହିକ ବିବାହ କାର୍ଯ୍ୟକ୍ରମର ଭିଡିଓ ଭାଇରାଲ ହେବା ପରେ ସତ ସାମ୍ନାକୁ ଆସିଥିଲା। ସାମୂହିକ ବିବାହ ନାଁରେ ହୋଇଥିଲା ବଡ଼ ଘୋଟାଲା। ସରକାରୀ ଅର୍ଥକୁ ଆତ୍ମସାତ କରିବାକୁ ହୋଇଥିଲା ପ୍ରୟାସ।



ଭିଡିଓରେ ଦେଖିବାକୁ ମିଳିଛି ଅନେକ କନିଆମାନେ ନିଜକୁ ନିଜେ ବରଣମାଳା ପିନ୍ଧାଉଛନ୍ତି। ସେମାନଙ୍କ ପାଇଁ ବର ନାହାନ୍ତି। ଏମିତିକି କିଛି ବର ସେମାନଙ୍କ ମୁହଁ ଲୁଚାଇଛନ୍ତି। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ସେହି ବର ଓ କନିଆମାନଙ୍କୁ ଭଡ଼ାରେ ଅଣାଯାଇଥିଲା। ମିଛ କନିଆ ହେବା ପାଇଁ ମହିଳାମାନଙ୍କୁ ୫୦୦ ଟଙ୍କା ଲେଖାଏଁ ଦିଆଯାଇଥିବା ବେଳେ ବର ହେବା ପାଇଁ ପୁରୁଷମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା ବୋଲି ସ୍ଥାନୀୟ କିଛି ଲୋକ ଅଭିଯୋଗ କରିଛନ୍ତି। ଏମିତିକି ଏହି ବାହାଘର ଦେଖିବା ପାଇଁ ଆସିଥିବା କିଛି ଲୋକଙ୍କୁ ଟଙ୍କା ଦେଇ ବର ସାଜିବାକୁ କୁହାଯାଇଥିଲା। ସେମାନଙ୍କ ମଧ୍ୟରୁ କେହି କେହି ଟଙ୍କା ଲୋଭରେ ରାଜି ମଧ୍ୟ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଜେପି ବିଧାୟକ କେତକୀ ସିଂହ। ସେ କହିଛନ୍ତି, ମୋର ବି ସନ୍ଦେହ ହୋଇଥିଲା। ଏବେ ଘଟଣାର ତଦନ୍ତ କରାଯାଉଛି।

ଉତ୍ତର ପ୍ରଦେଶ ସରକାରଙ୍କ ୱେବସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ସାମୂହକି ବିବାହ ପାଇଁ ଯୋଡ଼ି ପିଛା ୫୧ ହଜାର ଟଙ୍କା ଖର୍ଚ୍ଚ କରାଯାଏ। କନିଆକୁ ୩୫ ହଜାର ଟଙ୍କା ଦିଆଯାଏ। ବାହାଘର ପାଇଁ ଜିନିଷପତ୍ର କିଣିବାକୁ ୧୦ ହଜାର ଟଙ୍କା ଖର୍ଚ୍ଚ କରାଯାଏ। ବାକି ୬ ହଜାର ଟଙ୍କା ଉକ୍ତ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଏ।

ଏହି ଘଟଣାରେ ଅଭିଯୁକ୍ତମାନେ ସରକାରୀ ହଡ଼ପ କରିବା ପୂର୍ବରୁ ଧରାପଡ଼ି ଯାଇଛନ୍ତି। ତଦନ୍ତ ସରିନି।

# ୩ ଜଣଙ୍କୁ ହତ୍ୟା ମାମଲା: ବନ୍ଧା ହେଲେ ୭୦ ବର୍ଷୀୟ ଲଲ୍ଲନ ଖାନ୍

**ନୂଆଦିଲ୍ଲୀ:** ମାଳିହାବାଦ ଥାନା ଅନ୍ତର୍ଗତ ରହମତନଗର ଗାଁରେ ଜମି ଭାଗ ବଣ୍ଟାକୁ ନେଇ ବିବାଦ ଦେଖାଦେଇଥିଲା। ଏହାପରେ ଲଲ୍ଲନ ଖାନ୍ ଓ ତାଙ୍କ ପୁଅ ମିଶି ତିନି ଜଣଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ସର୍ବସମ୍ମୁଖରେ ତିନି ଜଣଙ୍କୁ ହତ୍ୟା କରିଥିଲେ। ଏବେ ବନ୍ଧା ହେଲେ ୭୦ ବର୍ଷୀୟ ଲଲ୍ଲନ ଖାନ୍। ଶୁକ୍ରବାର ଲକ୍ଷ୍ନୌର ମଲିହାବାଦରେ ହୋଇଥିବା ଟ୍ରିପଲ ମର୍ଡର ମାମଲାରେ ପୁଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତ ସିରାଜ ଅହମ୍ମଦ ଓରଫ୍ ଲଲ୍ଲନ ଖାନ୍ ଓ ତାଙ୍କ ପୁଅ ଫରାଜ ଖାନ୍‌ଙ୍କୁ ଗିରଫ କରିଛି।



ମାଳିହାବାଦ ଥାନା ଅନ୍ତର୍ଗତ ରହମତନଗର ଗାଁରେ ଜମି ଭାଗ ବଣ୍ଟାକୁ ନେଇ ବିବାଦ ଦେଖାଦେଇଥିଲା। ଏଥିରେ ଏହି ବାପ-ପୁଅ ନିଜର ୩ ଜଣ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଥିଲେ। ପୁଲିସ ଏବେ ଏହି ବାପା-ପୁଅଙ୍କୁ ଗିରଫ କରି ଉଭୟଙ୍କ ବିରୋଧରେ ଗ୍ୟାଙ୍ଗଷ୍ଟର ଆକ୍ଟ ଅଧିନରେ ମାମଲା ରୁଜୁ କରିଛି।

ସୂଚନା ଅନୁଯାୟୀ, ମୁନୀର, ଫରହିନ୍ ଓ ତାଙ୍କ ପୁଅ ହଞ୍ଜାଲାଙ୍କୁ ଜମିବାଡ଼ି ବିବାଦରେ ହତ୍ୟା କରାଯାଇଥିଲା। ଫରହିନଙ୍କ ଦାଦା ଲଲ୍ଲନ, ତାଙ୍କ ପୁଅ ଫରାଜ ଏବଂ ଅନ୍ୟମାନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆସିଛି। ସେମାନଙ୍କ ମଧ୍ୟରେ ବିବାଦୀୟ ଜମିକୁ ନେଇ ଏସ୍ ଡିଏମ୍ କୋର୍ଟରେ ମାମଲା ଚାଲିଥିଲା।

ଗତ ଶୁକ୍ରବାର ଦିନ ପରିବାରର କିଛି ସଦସ୍ୟ ଏକ ଗାଡ଼ିରେ ପହଞ୍ଚିବା ପରେ ଜମିବାଡ଼ି ବିବାଦକୁ ନେଇ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହା ପରେ ଉତକ୍ଷିପ୍ତ ହୋଇ ଲଲ୍ଲନ ବନ୍ଧୁକ ଆଣି ବାପା, ମା' ଓ ପୁଅ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ ମୁନୀର, ଫରହିନ ଓ ହଞ୍ଜାଲ। ଏହି ଘଟଣା ପରେ ଅଭିଯୁକ୍ତ ବାପ-ପୁଅ ଫେରାର ହୋଇଯାଇଥିଲେ। କିନ୍ତୁ ମୃତକଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହି ହତ୍ୟାକାଣ୍ଡ ରେକର୍ଡ ହୋଇଥିଲା। ଏହାକୁ ଆଧାର କରି ପୁଲିସ ଅଭିଯୁକ୍ତ ବାପ-ପୁଅଙ୍କୁ ଗିରଫ କରିଛି।

ସିରାଜ ଓରଫ୍ ଲଲ୍ଲନ ଖାନ୍ ବିରୋଧରେ ୧୮ଟି ମାମଲା ରୁଜୁ ହୋଇଥିବା ବେଳେ ପୁଅ ଫରାଜ ବିରୋଧରେ ଗୋଟିଏ ମାମଲା ପଞ୍ଜିକୃତ ହୋଇଛି। ସିରାଜ ପାଖରୁ ପୋଲାଣ୍ଡର ପାସପୋର୍ଟ ଜବତ ହୋଇଛି। ପୁଲିସ ବିମାନବନ୍ଦରକୁ ଉଭୟଙ୍କ ବିରୋଧରେ ଆଲର୍ଟ କରାଇ ଦେଇଥିଲା। ଏହା ପରେ ଜଣାପଡ଼ିଲା ଯେ ବାପା-ପୁଅ ଉତ୍ତରାଖଣ୍ଡ ଦେଇ ନେପାଳକୁ ଫେରାର ହେବାକୁ ଯୋଜନା କରୁଥିଲେ। ଉଭୟ ଅଭିଯୁକ୍ତଙ୍କ ନିକଟରୁ ଏକ ଉଇଈଖ ବନ୍ଧୁକ ଜବତ କରାଯାଇଛି। ଫାରାଜ ଅହମ୍ମଦଙ୍କଠାରୁ ପାସପୋର୍ଟ ମଧ୍ୟ ମିଳିଥିବା ପୁଲିସ କହିଛି।

ଯେଉଁ ବୟସରେ ଲୋକ ଘରେ ବିଶ୍ରାମ କରିବା କଥା ସେହି ବୟସରେ ଲଲ୍ଲନ ଖାନ୍ ଘଟଣାଇଛନ୍ତି ଜଘନ୍ୟ ହତ୍ୟାକାଣ୍ଡ। ୭୦ ବର୍ଷ ବୟସରେ ଗୁଳିକାଣ୍ଡ ଘଟାଇ ପୂରା ଉତ୍ତରପ୍ରଦେଶରେ ହଇଚଇ ସୃଷ୍ଟି କରିଦେଇଛନ୍ତି ଲଲ୍ଲନ। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ତାଙ୍କ ପାଖରେ ଏକ ପାସପୋର୍ଟ ଏବଂ ଲାଇସେନ୍ସପ୍ରାପ୍ତ ଅସ୍ତ୍ର ମଧ୍ୟ ଅଛି।

# ବିଶ୍ୱ ଓଡ଼ିଆ ସମ୍ମିଳନୀରୁ ଓଡ଼ିଆ ଭାଷାର ପ୍ରୟୋଗ ଲାଗି ଶପଥ ନିଆଯାଉ

ଭୁବନେଶ୍ୱର (ଭିଓଭି): ସମସ୍ତ ସରକାରୀ ଫାଇଲ, ନାମଫଳକ ଓ ପତ୍ରାଦି ଇଂରାଜୀରେ ଲେଖା ଚାଲିଛି। ଗ୍ରାମରକ୍ଷୀଙ୍କ ଠାରୁ ଆରମ୍ଭ କରି ପୁଲିସ ବିଭାଗର ସର୍ବୋଚ୍ଚ ପଦାଧିକାରୀଙ୍କ ବ୍ୟାଜ୍ ମଧ୍ୟ ଇଂରାଜୀରେ ଲେଖା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ତେଇଶି ବର୍ଷ ଶାସନ କାଳରେ ଓଡ଼ିଆ ଭାଷାର ଅଧିକ ପ୍ରୟୋଗ ବଦଳରେ ତାଙ୍କୁ ଖୁସି କରିବା ଲାଗି ସବୁ ସ୍ତରରେ ଇଂରାଜୀର ପ୍ରୟୋଗ ଚାଲିଛି। ଏହାର ଉଦାହରଣ ସ୍ୱରୁପ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ଓଡ଼ିଆ ଭାଷାକୁ ଉପହାସ କରୁଥିବା I LOVE BHUBANESWAR ଇଂରାଜୀରେ ଲେଖା ହୋଇଛି। ତେବେ ଭୁବନେଶ୍ୱର ଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ଜିଲ୍ଲା ମହକୁମା ଓ ଅନ୍ୟତ୍ର ଏଭଳି ଲେଖା ଚାଲିଛି ବୋଲି କହିଛି 'ଉଠ ଓଡ଼ିଆ' ସଂଗଠନ।

ସଂଗଠନ ପକ୍ଷରୁ କୁହାଯାଇଛି, ସମସ୍ତ ସରକାରୀ ଫାଇଲ, ନାମଫଳକ ଓ ପତ୍ରାଦି ଇଂରାଜୀରେ ଲେଖା ଚାଲିଛି। ଗ୍ରାମରକ୍ଷୀଙ୍କ ଠାରୁ ଆରମ୍ଭ କରି ପୁଲିସ ବିଭାଗର ସର୍ବୋଚ୍ଚ ପଦାଧିକାରୀଙ୍କ ବ୍ୟାଜ୍ ମଧ୍ୟ ଇଂରାଜୀରେ ଲେଖା ହୋଇଛି। ଗାଁ ଚାଷୀଙ୍କ ବିକାଶ ଲାଗି ଯେଉଁ ଫର୍ମ, ତାହା ବି ଇଂରାଜୀରେ ଲେଖା ହୋଇଛି। ନାମକୁ ମାତ୍ର ଓଡ଼ିଆ ସରକାରୀ ଭାଷା ବୋଲି ରହିଛି। ପରିସ୍ଥିତି ଏପରିକି, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିବାକୁ ଓଡ଼ିଆ ଅନୁଷ୍ଠାନ ମାନଙ୍କୁ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ସୁଜାତା ରାଉତ



କାର୍ତ୍ତିକେୟନ ଇଂରାଜୀ ଭାଷାରେ ଚିଠି ପଠାଇଛନ୍ତି। ଏହାର ପ୍ରୟୋଗକୁ ଲଂଘନ କରିଥିବା ଜଣଙ୍କୁ ବି ଦଣ୍ଡ ଦିଆଯାଇନାହିଁ। ଏଣୁ ଜାକଯମକରେ ବିଶ୍ୱ ଓଡ଼ିଆ ସମ୍ମିଳନୀ କରାଗଲେ ଭାଷା ଉଜ୍ଜ୍ୱଳିତ ହେବ ବୋଲି କିଭଳି କହିବା ?

ମୁଖ୍ୟମନ୍ତ୍ରୀ ନିଜେ ଏ ଦିଗରେ ଆଗଭର ହୁଅନ୍ତୁ। ଯେଉଁମାନେ ଏହାକୁ ଲଂଘନ କରୁଛନ୍ତି ସେମାନଙ୍କ ପ୍ରତି ଦଣ୍ଡ ବିଧାନ ହେଉ। ସମସ୍ତେ ନିଜ ମାତୃଭାଷାକୁ ଅଧିକରୁ ଅଧିକ ଶ୍ରଦ୍ଧାର ସହ ସବୁ କ୍ଷେତ୍ରରେ ପ୍ରୟୋଗ କଲେ ହିଁ ଜାତିର ସ୍ୱାଭିମାନ ଉଜ୍ଜଳିବ ଓ ବିଶ୍ୱ ଓଡ଼ିଆ ସମ୍ମିଳନୀର ଉଦ୍ଦେଶ୍ୟ ସାଧିତ ହେବ।

ଆଜି ଓଡ଼ିଆ ଜାତିର ସ୍ୱାଭିମାନ ପୁରୁଷ, ମହାନ୍ କାଣ୍ଡାରୀ ତଥା ପୁଣ୍ୟାତ୍ମା କୁଳବୃଦ୍ଧ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଅବସରରେ 'ଉଠ ଓଡ଼ିଆ'ର କର୍ମକର୍ତ୍ତାମାନେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ସ୍ଥିତ I LOVE BHUBANESWAR ଇଂରାଜୀ ଫଳକରେ କଳା ରଙ୍ଗ ବୋଳି ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ଏହା ବଦଳରେ 'ମୋ ପ୍ରିୟ ଭୁବନେଶ୍ୱର' ତୁରନ୍ତ ଲେଖିବାକୁ ଦାବି କରାଯାଇଛି। ଓଡ଼ିଶାର ମାଲିକ ଓଡ଼ିଆ ମାନେ ଦାସତ୍ୱ ବନ୍ଧନରୁ ମୁକ୍ତ ହୋଇ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଜାଗରଣ କରିବାର ରାସ୍ତା ଆପଣାନ୍ତୁ ବୋଲି ଆହ୍ୱାନ ଦିଆଯାଇଛି।

## ସୁସ୍ଥ ଲୋକଙ୍କୁ କିଡନୀ ରୋଗୀ ସଜାଇଦେଲେ ସରକାର



ଭୁବନେଶ୍ୱର (ଭିଓଭି): ସୁସ୍ଥ ସବଳ ବ୍ୟକ୍ତିଙ୍କୁ କିଡନୀ ରୋଗୀ ଦର୍ଶାଇଲେ। ମିଛ ବାହାବା ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡରେ ଫଟୋ ଲଗାଇଲେ। ଆଉ ସେହି ଫଟୋକୁ ପଞ୍ଚାୟତର ବୁକଲେଟ ଛାପି ବାଣ୍ଟିଲେ। ଏବେ ସଂପୃକ୍ତ ବ୍ୟକ୍ତି ସାମ୍ନାକୁ ଆସି ସବୁ ମିଛର ଗୁମର ଖୋଲିଛନ୍ତି।

ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ରାୟଗଡ଼ା ମୁନିଗୁଡ଼ା ବ୍ଲକ ସଦର ପଞ୍ଚାୟତ ପାତ୍ରଗୁଡ଼ା ଗାଁର ସହଦେବ ପ୍ରାଷ୍କା। ସେ ଅଭିଯୋଗ କରିଛନ୍ତି ଯେ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କିଡନୀ ରୋଗର ଚିକିତ୍ସା କରାଯାଇଥିବା ପୋଷ୍ଟରରେ ଦର୍ଶାଯାଇଛି। କିନ୍ତୁ ନା ସେ କୌଣସି କିଡନୀ ରୋଗୀ, ନା ସେ କେବେ ସଂପୃକ୍ତ ଘରୋଇ ହସ୍ପିଟାଲକୁ ଯାଇ ଚିକିତ୍ସିତ ହୋଇଛନ୍ତି। ପାଲଟା ତାଙ୍କୁ ବିଏସକେୱାଇ କାର୍ଡରେ ମିଛରେ କିଡନୀ ରୋଗୀ ସଜାଇ ପୋଷ୍ଟର ଲଗାଯାଇଛି ବୋଲି ଅଭିଯୋଗ କରିଛନ୍ତି ସହଦେବ।

ଫଳରେ ଲୋକଙ୍କ ଦ୍ୱାରା ସମାଲୋଚନାର ଶୀକାର ହେଉଥିବା ସହଦେବ କହିଛନ୍ତି। ଏନେଇ ଥାନାର ଦ୍ୱାରସ୍ଥ ହେବି ବୋଲି ସହଦେବ କହନ୍ତି। କେବଳ ଏତିକି ନୁହେଁ, ଆମ ଓଡ଼ିଶା ନବୀନ ଓଡ଼ିଶା ବୁକଲେଟରେ ସରକାରଙ୍କ ଯୋଜନା ଲୋକେ ପାଇଛନ୍ତି ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛନ୍ତି ବୋଲି ଦର୍ଶାଇ ପଞ୍ଚାୟତ ଶିବିରରେ ବଡ଼ ବଡ଼ ପୋଷ୍ଟର ହୋଡିଂ ଲଗାଯାଇଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏସମ୍ପର୍କରେ ସିଡିଏମଓ ଲାଲମୋହନ ରାଉତରାୟ କହିଛନ୍ତି, ଏଭଳି କିଛି ଅଭିଯୋଗ ଯଦି ଆସେ, ତେବେ ନିହାତି ତଦନ୍ତ କରାଯିବ।

## ଅଜଣା ରୋଗରେ ୩ ଦିନରେ ୪ ଜଣଙ୍କ ମୃତ୍ୟୁ !

### ତଦନ୍ତ ପାଇଁ ଗାଁରେ ପହଞ୍ଚିଲା ଟିମ୍

**ରାୟଗଡ଼ା (ଭିଓଭି):** ଆଉ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ କୁଚେଇପର ପଞ୍ଚାୟତର କେ. କୋରଳ ଗାଁରେ ଅଜଣା ରୋଗରେ ତିନି ଦିନରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକମାନେ ହେଉଛନ୍ତି- ଚମ୍ପା ସାହୁ, ଖଗ ଝଡ଼ିଆ, ଅଭି ଘଣ୍ଟିଆ ଓ ବନ ଝଡ଼ିଆ। ସେହିପରି ଆଉ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

କେଉଁ କାରଣରୁ ୪ ଜଣଙ୍କ ମୃତ୍ୟୁ ଘଟିବା ସହିତ ଆଉ ୪ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି, ତାହା ଜଣାପଡ଼ିନାହିଁ। ଗାଁ ଲୋକେ ଝରଣାରୁ ପାଣି ପିଉଛନ୍ତି। ଦୂଷିତ ଜଳ ଯୋଗୁ ଗାଁରେ ଏଭଳି ଘଟିଛି ନା କୌଣସି ବିଷାକ୍ତ ଖାଦ୍ୟ ଖାଇବା ଯୋଗୁ ଏମିତି ଘଟିଛି ନା ଗାଁରେ ସତରେ କୌଣସି ଅଜଣା ରୋଗ ବ୍ୟାପିଛି, ତାହା ସ୍ପଷ୍ଟ ହୋଇପାରିନି। ତେବେ ଗାଁ ଲୋକଙ୍କ କହିବା ଅନୁଯାୟୀ



ପୀଡ଼ିତମାନଙ୍କଠାରେ ପେଟ ବ୍ୟଥା ହେବା ଓ ଅଧିକ ଥଣ୍ଡା ଅନୁଭବ କରିବା ଭଳି ଲକ୍ଷଣ ଦେଖାଯାଉଛି।

ରାୟଗଡ଼ା ସିଡିଏମ୍‌ଓ ଲଳିତମୋହନ ରାଉତରାୟ କହିଛନ୍ତି, ଘଟଣାର ତଦନ୍ତ ପାଇଁ ଏକ ତିନି ଜଣିଆ ଟିମ୍ ସେଠାକୁ ଯାଇଛନ୍ତି। ସେମାନେ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ କାହିଁକି ସେହି ଲୋକଙ୍କ ମୃତ୍ୟୁ ଘଟିଲା, ତାହା ଜଣାପଡ଼ିବ। ସେହିଭଳି ବର୍ତ୍ତମାନ ଯେଉଁମାନେ ଅସୁସ୍ଥ ଅଛନ୍ତି, ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଆମ୍ବେଦକରଙ୍କ ନାଁରେ ନାମିତ ହେବ ବରମୁଣ୍ଡା ବସ୍‌ଷ୍ଟାଣ୍ଡ

ଭୁବନେଶ୍ୱର (ଭିଓଭି): ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶ ଓ ଦେଶ ଗଠନରେ ତାଙ୍କର ମହାନ ଅବଦାନ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବରମୁଣ୍ଡା ବସଷ୍ଟାଣ୍ଡରେ ୯୦୦ ବର୍ଗ ଫୁଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ନିର୍ମାଣ କରାଯିବ।

ଭାରତୀୟ ସମ୍ବିଧାନର ଜନକ ତଥା ସାମାଜିକ ନ୍ୟାୟର ମହାନ୍ ପ୍ରବକ୍ତା ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ନାମରେ ନାମିତ ହେବ ଭୁବନେଶ୍ୱରର ବରମୁଣ୍ଡାରେ ନବନିର୍ମିତ ବସଷ୍ଟାଣ୍ଡ। ଏହା ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ



ଭାବେ ପରିଚିତ ହେବ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡକ୍ଟର ଆମ୍ବେଦକର ଜଣେ ଦୂରଦର୍ଶୀ ନେତା ତଥା ସମର୍ପିତ ସମାଜ ସଂସ୍କାରକ ଥିଲେ। ସମାଜର ଦଳିତ ଓ ନିଷ୍ପେସିତଙ୍କ ପାଇଁ ସେ ଥିଲେ ଆଶାର ଆଲୋକ। ସମସ୍ତେ ଯେପରି ନ୍ୟାୟ ପାଇବେ, ସେ ଦିଗରେ ସାରା ଜୀବନ ସେ କାର୍ଯ୍ୟ କରିଥିଲେ। ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶ ଓ ଦେଶ ଗଠନରେ ତାଙ୍କର ମହାନ ଅବଦାନ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବରମୁଣ୍ଡା ବସଷ୍ଟାଣ୍ଡରେ ୯୦୦ ବର୍ଗ ଫୁଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ନିର୍ମାଣ କରାଯିବ। ଡିଜିଟାଲ ଜ୍ଞାନକୌଶଳର ବ୍ୟବହାର ଜରିଆରେ ଡକ୍ଟର ଆମ୍ବେଦକରଙ୍କ ଜୀବନୀ ଓ ଆଦର୍ଶକୁ ଏଠାରେ ସୁନ୍ଦର ଭାବରେ ଉପସ୍ଥାପିତ କରାଯିବ। ଭାରତୀୟ ସମ୍ବିଧାନର ଏକ ନକଲ ସହିତ ବାବା ସାହେବ ଦ୍ୱାରା ବ୍ୟବହୃତ ବିଭିନ୍ନ ଜିନିଷ ମଧ୍ୟ ଏଠାରେ ପ୍ରଦର୍ଶିତ ହେବ। ବରମୁଣ୍ଡାରେ ୧୫.୫ ଏକର ପରିମିତ ଜମିରେ ନୂଆ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ କରାଯାଇଛି।

# ନିଜସ୍ୱ ଉଦ୍ୟମରେ ତିଆରି କରୁଛନ୍ତି ଗୁଣ୍ଡିଚା ମନ୍ଦିର





ନବରଙ୍ଗପୁର (ଭିଓଭି): ସାଂସାରିକ ଜୀବନରେ ବୁଡ଼ି ରହିଥିଲେ ମଧ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଛାଡ଼ି ନାହାନ୍ତି । ସୟନେ ସପନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରନ୍ତି । ନିଜକୁ ତାଙ୍କ ପାଦ ତଳେ ସମର୍ପି ଦେଇଛନ୍ତି ଜଗନ୍ନାଥ ମଉସା । ମହାପ୍ରଭୁ ଜଗନ୍ନାଥଙ୍କ ପ୍ରେମରେ ଜଗନ୍ନାଥ ମଉସା । ନିଜସ୍ୱ ଉଦ୍ୟମରେ ତିଆରି କରୁଛନ୍ତି ଗୁଣ୍ଡିଚା ମନ୍ଦିର । ୭୨ ବର୍ଷ ବୟସରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶ୍ରମ ଦାନ ମଧ କରୁଛନ୍ତି । ହେଲେ ସେ ଏ ବୟସରେ କେବେ ହେଲେ ଥକି ପଡ଼ିନାହାନ୍ତି । ରାମମୟ ଦୁନିଆରେ ଏପରି ଭଲ ଖବର ଆସିଛନ୍ତି ନବରଙ୍ଗପୁର ଟାଉନ୍ ?ରୁ ।

ନବରଙ୍ଗପୁର ଟାଉନ୍ ରାଜୁ ସାହିରେ ବାସ କରନ୍ତି ଜଗନ୍ନାଥ ଚୌଧୁରୀ । ପରିବାର କହିଲେ ପତ୍ନୀ, ପୁଅ ଓ ଦୁଇ ଝିଅ । ପେସାରେ ସେ ଜଣେ ବେପାରୀ । ଜିଲ୍ଲାର ବିଭିନ୍ନ ସାପ୍ତାହିକ ହାଟ ବୁଲି ବିରି, କାନ୍ଦୁଲ, ଧାନ ଇତ୍ୟାଦି ବିକ୍ରି କରିଥାଆନ୍ତି । ସେଥିରୁ ଯାହା ରୋଜଗାର କରନ୍ତି, ସେଥିରେ ଚଳେ ତାଙ୍କର ତେଲ ଲୁଣର ସଂସାର । ପିଲାମାନଙ୍କୁ କେବେ ଅଭାବ ଭିତରେ ଛାଡ଼ି ନାହାନ୍ତି । ସବୁବେଳେ ଚେଷ୍ଟା କରିଛନ୍ତି ପ୍ରାଣପ୍ରିୟା ଓ ପିଲାଙ୍କ ମୁହଁରେ ହସ ଫୁଟାଇବାକୁ । କେବେ ହେଲେ ଥକି ପଡ଼ିନାହାନ୍ତି । ୭୨ ବର୍ଷରେ ସେ ଚଳଞ୍ଚଳ । ଆଉ ବାପାଙ୍କ ପରିଶ୍ରମକୁ ସାର୍ଥକ କରିଛନ୍ତି ପିଲାମାନେ । ପାଠ ପଢ଼ି ଏକ ମାତ୍ର ପୁଅ ଶିକ୍ଷକତା କରୁଛନ୍ତି । ଜଗନ୍ନାଥ ଚୌଧୁରୀ ନିଜର ଦୁଇ ଝିଅଙ୍କୁ ବାହାଘର ମଧ କରାଇ ଦେଇଛନ୍ତି ।

ସାଂସାରିକ ଜୀବନରେ ବୁଡ଼ି ରହିଥିଲେ ମଧ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଛାଡ଼ି ନାହାନ୍ତି । ସୟନେ ସପନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରନ୍ତି । ନିଜକୁ ତାଙ୍କ ପାଦ ତଳେ ସମର୍ପି ଦେଇଛନ୍ତି ଜଗନ୍ନାଥ ମଉସା । ସେଥିପାଇଁ ଆଜକୁ ୧୫ ବର୍ଷ ତଳେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣରେ ଆର୍ଥିକ ସହାୟତା କରିଥିଲେ । ଖାଲି ସେତିକି ନୁହେଁ, ଜଗନ୍ନାଥ ମନ୍ଦିର କ୍ୟାମ୍ପସରେ ମାଆ ଲକ୍ଷ୍ମୀ ମନ୍ଦିର ନିର୍ମାଣ ମଧ କରିଥିଲେ । ସେଥିପାଇଁ ସେ ସବୁ ଅର୍ଥ ଦାନ କରିଥିଲେ । ଜଗନ୍ନାଥ ଚୌଧୁରୀଙ୍କ ଏପରି ଉଦ୍ୟମକୁ ସ୍ଥାନୀୟ ଲୋକେ ଭୁରୀ ଭୁରୀ ପ୍ରଶଂସା କରିଥିଲେ । ଏଥିରେ ସେ କେବେ ହେଲେ ଉତ୍‌ଫୁଲିତ ହୋଇନଥିଲେ । ବରଂ ତାଙ୍କୁ ଅଧିକ କାମ କରିବା ପାଇଁ ଶକ୍ତି ଦେଇଥିଲା ।

ସେପଟେ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ୫୦୦ ମିଟର ଦୂରରେ ନିର୍ମାଣ ହୋଇଥିବା ପୁରୁଣା ଗୁଣ୍ଡିଚା ମନ୍ଦିରଟି ବିପଦସଙ୍କୁଳ ଅବସ୍ଥାକୁ ଚାଲି ଯାଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ଚିନ୍ତାରେ ପଡ଼ିଯାଇଥିଲେ ଜଗନ୍ନାଥ ମଉସା । ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିର ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ପରେ ଏନେଇ ସେ ମନ୍ଦିର ପରିଚାଳନା କମିଟି ଓ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ । ୨୦୨୨ ଅଗଷ୍ଟ ୧୭ ତାରିଖରେ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଇଥିଲେ ନବରଙ୍ଗପୁର ଜିଲ୍ଲାପାଳ । ତା'ପରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗି ପଡ଼ିଲେ ଜଗନ୍ନାଥ ମଉସା ।

ଗୁଣ୍ଡିଚା ମାଆଙ୍କ ମନ୍ଦିର ତିଆରି ହେବ । ସେଥିପାଇଁ ନିଜର ପେସା (କାନ୍ଦୁଲ, ବିରି ବେପାର)ଠାରୁ ଦୂରେଇ ଗଲେ ଜଗନ୍ନାଥ ମଉସା । ଆଉ ମନ୍ଦିର ତିଆରି ନିଜକୁ ନିୟୋଜିତ କରିଥିଲେ । ପ୍ରତିଦିନ ସକାଳେ ଗାଧୋଇ ଘରୁ ବାହାରି ଆସୁଥିଲେ ଜଗନ୍ନାଥ ମଉସା । ମନ୍ଦିର ନିର୍ମାଣରେ ନିୟୋଜିତ ଶ୍ରମିକଙ୍କ ସହିତ ମିଶି କାମ କରୁଥିଲେ । ସଞ୍ଜ ହେଲେ ଘରକୁ ଫେରୁଥିଲେ । ଆଜି ପର୍ଯ୍ୟନ୍ତ ସେ ଗୁଣ୍ଡିଚା ମନ୍ଦିର ନିର୍ମାଣରେ ୬୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଲେଣି । ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ନେବା ପାଇଁ ଆଉ ୧୦ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବ ।

ନିର୍ମାଣାଧୀନ ଗୁଣ୍ଡିଚା ମନ୍ଦିର କ୍ୟାମ୍ପସରେ ବାମ ପାର୍ଶ୍ୱରେ ରାମ, ଲକ୍ଷ୍ମଣ, ସୀତା ମନ୍ଦିର ସହ ଡାହାଣ ପାର୍ଶ୍ୱରେ ରାଧାକୃଷ୍ଣ ମନ୍ଦିର ନିର୍ମାଣ ଚାଲିଛି । ନିର୍ମାଣା ହେଉଥିବା ଗୁଣ୍ଡିଚା ମନ୍ଦିର ଉଚ୍ଚତା ୫୦ ଫୁଟ ରହିଛି । ଫାଉଣ୍ଡେସନର ଉଚ୍ଚତା ୫ ଫୁଟ ରହିଥିବା ବେଳେ ମନ୍ଦିରଟି ୨୫ ଫୁଟ ଓ ମନ୍ଦିରର ମୁଣ୍ଡି ୧୦ ଫୁଟ ଉଚ୍ଚତା ରହିଛି ।

## ଚକ୍ରଧାରୀ ଶରନ ସିଂ ହେଲେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର (ଭିଓଭି): ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି ।



ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି । ଆଜି ଏନେଇ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ରାଷ୍ଟ୍ରପତି ସମ୍ବିଧାନର ଧାରା ୨୧୭(୧)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି । ଏବେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟ କରୁଛନ୍ତି ।

## ଖୋଲା ଆକାଶ ତଳେ ମହାପ୍ରଭୁଙ୍କୁ ଅସମ୍ମାନ

ଭଦ୍ରକ (ଭିଓଭି): ପଡ଼ିଆରେ ବନ୍ଧା ହୋଇଥିବା ଟେଣ୍ଟ ଖୋଲା ସରିଲାଣି । ହେଲେ ପଡ଼ିଆ ମଝିରେ ଗୋଟିଏ ପ୍ଲାଷ୍ଟିକ୍ ଷ୍ଟୁଲ୍ ଉପରେ ମହାପ୍ରଭୁ ସେମିତି ବସିଛନ୍ତି । ପାଖରେ କେହି ନାହାନ୍ତି । କୋଟି ଓଡ଼ିଆଙ୍କ ମଉଡମଣୀ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ । ତାଙ୍କର ଆଶୀର୍ବାଦଟିଏ ପାଇବା ପାଇଁ କାହିଁ କେତେ ବାଟରୁ ଧାଇଁ ଆସୁଛି ଭକ୍ତିଟିଏ । ମନ ପ୍ରାଣ ଦେଇ ନିଜକୁ ମହାପ୍ରଭୁଙ୍କ ପାଦ ତଳେ ସମର୍ପି ଦେଉଛି । ହେଲେ ଇଏ କଣ ? ଜଗତର ନିଅନ୍ତା, ପ୍ରତିଟି ଓଡ଼ିଆର ଅତି ପ୍ରିୟର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ଆଜି ବସିଛନ୍ତି ପଡ଼ିଆ



ମଝିରେ ଓ ଖୋଲା ଆକାଶ ତଳେ । ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୩ ଦିନ ଧରି ପଡ଼ିଆ ମଝିରେ ବସିଛନ୍ତି । ଆଉ ପବନ ଦେଲେ ଝୁଲୁଛନ୍ତି । ଭଦ୍ରକ ନେହରୁ ଷ୍ଟାଡିୟମରେ ଏପରି ଭାବେ ମହାପ୍ରଭୁଙ୍କ ଅପମାନିତ କରାଯାଇଛି । ଭଦ୍ରକ ଛାତି ଉପରେ ରହିଛି ନେହରୁ ଷ୍ଟାଡିୟମ । ସେଇଠି ଜାନୁଆରୀ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ଭଦ୍ରକ ଜିଲ୍ଲାର ଲୋକ ମହୋତ୍ସବ 'ଭଦ୍ରାୟଣୀ' । ଓରମାସ ଓ କୃଷି ବିଭାଗ ସହଭାଗିତାରେ ଏହି ମହୋତ୍ସବ ଆୟୋଜନ କରାଯାଇଥିଲା । ରାଜ୍ୟର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ସହ ବହୁ ଦୋକାନ ବଜାର ଖୋଲିଥିଲା । କୃଷି ବିଭାଗ ତରଫରୁ କୃଷକ ଓ ଚାଷୀଙ୍କ ପାଇଁ ବିଭିନ୍ନ ଯନ୍ତ୍ରପାତି ବିକ୍ରୟ ହେଇଥିଲା । ପ୍ରତ୍ୟକ ସନ୍ଧ୍ୟାରେ ବଲିଉଡ ଓ ଓଲିଉଡ୍ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରୁଥିଲେ । ମହୋତ୍ସବର ମଞ୍ଚରେ ସ୍ଥାନ ପାଇଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ । ଅତିଥିମାନେ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କୁ ପ୍ରଣାମ କରି କାର୍ଯ୍ୟକ୍ରମ ଆରମ୍ଭ କରୁଥିଲେ । ଇତି ମଧ୍ୟରେ ମହୋତ୍ସବ ସରିଲାଣି । ଦୋକାନ ବଜାର ସବୁ ବନ୍ଦ ହୋଇଗଲାଣି । ପଡ଼ିଆରେ ବନ୍ଧା ହୋଇଥିବା ଟେଣ୍ଟ ଖୋଲା ସରିଲାଣି । ହେଲେ ପଡ଼ିଆ ମଝିରେ ଗୋଟିଏ ପ୍ଲାଷ୍ଟିକ୍ ଷ୍ଟୁଲ୍ ଉପରେ ମହାପ୍ରଭୁ ସେମିତି ବସିଛନ୍ତି । ପାଖରେ କେହି ନାହାନ୍ତି । ଗତ ୩ ଦିନ ହେଲା ମହାପ୍ରଭୁଙ୍କୁ ଏମିତି ଭାବେ ଛାଡ଼ି ଚାଲି ଯାଇଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

# ମେଡିସିନ ୱାର୍ଡ଼ରେ ବିଜୁଳି କାଟ୍, ଅକ୍ସିଜେନ ଅଭାବରୁ ରୋଗୀ ଛଟପଟ





ବରଗଡ଼ (ଭିଓଭି): ବରଗଡ଼ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ମୋବାଇଲ ଲାଇଟରେ ଚାଲିଛି ରୋଗୀର ଚିକିତ୍ସା ।

ଡିଜିଟାଲ ଯୁଗରେ ମଣିଷ ହାତ ପାଆନ୍ତାରେ ପାଉଛି ଅନେକ ବ୍ୟବସ୍ଥା । ମଣିଷ ମଙ୍ଗଳ ଗ୍ରହରୁ ନେଇ ଚନ୍ଦ୍ରରେ ପହଞ୍ଚିବାରେ ସକ୍ଷମ ହେଲାଣି । ହେଲେ ପଶ୍ଚିମ ଓଡିଶାର ରୋଗି ସେବା ଅନ୍ଧାରରେ ଚାଲିଛି । ବରଗଡ଼ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ମୋବାଇଲ ଲାଇଟରେ ଚାଲିଛି ରୋଗୀର ଚିକିତ୍ସା ।

ସୂଚନା ଅନୁସାରେ ଗାଇସିଲେଟ ବ୍ଲକ କନ୍ଦାଗାଡ଼ ଗାଁର ଦୁର୍ବାସା ବରିହା ବିଷ ପିଇଥିଲେ । ପରିବାର ଲୋକେ ତାଙ୍କୁ ବରଗଡ଼ ଡିଏଚଏଚରେ ଭର୍ତ୍ତି କରିଥିଲେ । ଦୁର୍ବାସା ଗୁରୁତର ଅବସ୍ଥାରେ ଥିବାରୁ ଡାକ୍ତର ଅକ୍ସିଜେନ ଲଗାଇଥିଲେ । ହେଲେ ସୋମବାର ସଧାରେ ହଠାତ ଡାକ୍ତରଖାନାର ବିଦ୍ୟୁତ ଚାଲିଯାଇଥିଲା । ତେବେ ବନ୍ଦ ହୋଇଯାଇଥିଲା ଲାଗିଥିବା ବୈଦ୍ୟୁତିକ ଅକ୍ସିଜେନ ମେସିନ । ଅକ୍ସିଜେନ ନପାଇ ଦୁର୍ବାସା ଧଇଁସଇଁ ହେବାରୁ ତାଙ୍କ ପୁଅ ରାଜେଶ ବରିହା ଡାକ୍ତରଙ୍କୁ ଡାକିଥିଲେ । ତେବେ ଡ୍ୟୁଟିରେ ଥିବା ନର୍ସମାନେ ଆସିବା ପରେ ବିନା ବିଦ୍ୟୁତରେ ଚାଲୁଥିବା ଅକ୍ସିଜେନ ସିଲିଣ୍ଡର ଆଣି ମୋବାଇଲ ଲାଇଟ ସହାୟତାରେ ଲଗାଇବା ସହ ଇଞ୍ଜେକ୍ସନ ମଧ ଦେଇଥିଲେ । ଅକ୍ସିଜେନ ଲାଗିବା ପରେ ଦୁର୍ବାସାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱଭାବିକ ହୋଇଥିଲା । ରୋଗୀଙ୍କର ପୁଅ ରାଜେଶ ଅଭିଯୋଗ କରିଛନ୍ତି ଯେ, ଲାଇନ୍ ପ୍ରାୟ ୧୦ ରୁ ୧୫ ମିନିଟ କଟିଥିଲା । ଏହାରି ଭିତରେ ଅକ୍ସିଜେନ ନପାଇ ବାପା ଧଇଁସଇଁ ହୋଇ ଯାଇଥିଲେ । ମୁଁ ଡାକ୍ତରଙ୍କୁ ଡାକିବାରୁ ମୋବାଇ ଲାଇଟ୍ ଲଗାଇ ଚିକିତ୍ସା କରିଥିଲେ । ସଂକଳ୍ପ ପରିବାର ସଦସ୍ୟ ବିକାଶ ଅଗ୍ରୱାଲ କହିଛନ୍ତି, ଗୋଟିଏ ପଟେ ମେଡିସିନ ୱାର୍ଡ଼ରେ ଭର୍ତ୍ତି ହୋଥିବା ଗୁରୁତର ରୋଗୀ ବିଦ୍ୟୁତ ଚାଲିଯିବାରୁ ଅକ୍ସିଜେନ ଅଭାବରୁ ଛଟପଟ ହେଉଥିବା ବେଳେ ଅନ୍ଧାରରେ ଚିକିତ୍ସା ଯୋଗୁଁ ଅସ୍ତବ୍ୟସ୍ତ ହେଉଛନ୍ତି ରୋଗୀ । ଏଭଳି ଚିତ୍ର ଦିନେ କି ଦୁଇ ଦିନ ନୁହେଁ ବାରମ୍ବାର ସାମ୍ନାକୁ ଆସୁଛି । ହେଲେ ଏହାର ବିକଳ୍ପ ବ୍ୟବସ୍ଥା କିଛି କରାଯାଉନାହିଁ । ଡାକ୍ତରଖାନାରେ ଲାଗିଥିବା ଜେନେରେଟର ଅଟୋମେଟିକ ନୁହେଁ । ଲାଇନ୍ ଗଲେ ତୁରନ୍ତ ଆସି ପାରିବ ନାହିଁ । ଏଠି ବିଦ୍ୟୁତ କାଟ ବାରମ୍ବାର ହୁଏ । ଏହି ସଂପର୍କରେ ହସ୍ପିଟାଲ ଅଧିକ୍ଷକ ଡାକ୍ତର ଡି.କେ ଦତ୍ତଙ୍କୁ ପଚାରିବାରୁ ସେ କହିଛନ୍ତି ବିଜୁଳି ସମସ୍ୟାରେ ଏଭଳି ଚିକିତ୍ସା ଚାଲିଥିବା ମୋ ନଜରକୁ ଆସିନି । ଜେନେରେଟର ବ୍ୟବସ୍ଥା ଅଛି ହେଲେ ଚଳାଇବାକୁ ୧ରୁ ୨ ମିନିଟ୍ ସମୟ ଲାଗିଥାଏ । ଆଉ ଲାଇନ୍ ଗଲେ କିଭଳି ଶିଘ୍ର ଆସିବ ସେନେଇ ତୁରନ୍ତ ବ୍ୟବସ୍ଥା କରାଯିବ ।

# ଦଳୀୟ ଭିତ୍ତିରେ ପୁରୀକୁ ବୁହା ଯାଉଛନ୍ତି ଲୋକେ !



ପୁରୀ (ଭିଓଭି): ଅର୍ପଣ ରଥ, ଗୁଆ ଚାଉଳ ପରେ ପଞ୍ଚାୟତରୁ ପୁରୀକୁ ଲୋକଙ୍କୁ ପରିକ୍ରମା ପ୍ରକଳ୍ପ ବୁଲାଇବାକୁ ନେଇ ସାଧାରଣରେ ତେଜିଲାଣି ଅସନ୍ତୋଷ। ପରିକ୍ରମା ପରିଦର୍ଶନକୁ ନେଇ ସାଙ୍ଘାତିକ ଅଭିଯୋଗ, ସରକାରୀ ଟଙ୍କାରେ ଦଳୀୟ ଭିତ୍ତିରେ ପୁରୀକୁ ବୁହା ହେଉଛନ୍ତି ଲୋକେ। ବଞ୍ଚିତ ହେଉଛନ୍ତି ସାଧାରଣ ଭକ୍ତ ! ଅର୍ପଣ ରଥ, ଗୁଆ ଚାଉଳ ପରେ ପଞ୍ଚାୟତରୁ ପୁରୀକୁ ଲୋକଙ୍କୁ ପରିକ୍ରମା ପ୍ରକଳ୍ପ ବୁଲାଇବାକୁ ନେଇ ସାଧାରଣରେ ତେଜିଲାଣି ଅସନ୍ତୋଷ। ରାଜ୍ୟ ତମାମ ଲୋକଙ୍କୁ ପରିକ୍ରମା ବୁଲାଇବା କାର୍ଯ୍ୟକ୍ରମର ଆଜି ପ୍ରଥମ ଦିନରେ ପୁରୀରେ ପହଞ୍ଚିଥିଲେ ଗଞ୍ଜାମ, ବାଲେଶ୍ୱର, ମୟୁରଭଞ୍ଜ, କଟକ ଓ କେନ୍ଦ୍ରାପଡ଼ାର ଲୋକମାନେ। ମାଗଣାରେ ବସ୍ ଯୋଗେ ପୁରୀ ନେଇ ପରିକ୍ରମା ପ୍ରକଳ୍ପ ବୁଲାଇବା ସହ ଜଗା ଦର୍ଶନ ବ୍ୟବସ୍ଥା କରିଥିଲା ପ୍ରଶାସନ।

ଏହା ସହ ଫେରିବା ସମୟରେ ଖଜା ଏବଂ ନିର୍ମାଲ୍ୟ ମଧ୍ୟ ଦେଇଛନ୍ତି। ହେଲେ ଏପଟେ ତେଜିଛି ଅସନ୍ତୋଷ। ଆଜି ସାମିଲ ହୋଇଥିବା ୫ ଜିଲ୍ଲାରୁ ଆସିଛି ସାଂଘାତିକ ଅଭିଯୋଗ। ଦଳୀୟ ଭିତ୍ତିରେ ବାଛି ବାଛି କର୍ମୀଙ୍କୁ ପୁରୀ ନିଆଯାଉଛି। ହେଲେ ଗରିବ, ଅସହାୟଙ୍କୁ ଏନେଇ ସୂଚନା ବି ମିଳୁ ନାହିଁ। ଅନେକ ଲୋକ ନିଜ ଆଡୁ ଏ ସଂପର୍କରେ ପଚାରିଥିଲେ ମଧ୍ୟ ଜନ ପ୍ରତିନିଧି କିମ୍ବା ନୋଡେଲ ଅଫିସର ସୂଚନା ଦେଉ ନଥିବା ଅଭିଯୋଗ ଆସିଛି।

ଏପଟେ ସରକାରୀ ଟଙ୍କାରେ ଦଳୀୟ ପ୍ରଚାର ପ୍ରସାର ଅଭିଯୋଗକୁ ନେଇ ତେଜିଛି ରାଜନୀତି। ପୁରୀ ପରିକ୍ରମା ପ୍ରକଳ୍ପର ପ୍ରଚାର ପ୍ରସାର ପାଇଁ ୧୫୬ କୋଟି ଖର୍ଚ୍ଚ କରିବାକୁ ଯେଉଁ ନିଷ୍ପତ୍ତି ହୋଇଥିଲା। ସେଥିରୁ ୨୦ କୋଟି ଟଙ୍କା କେବଳ ଲୋକ ନେବା ଆଣିବା ପାଇଁ ଖର୍ଚ୍ଚ ହେବ। ପ୍ରତିଦିନ ପ୍ରାୟ ୧୦ ହଜାର ଲୋକଙ୍କୁ ପୁରୀ ନେଇ ପରିକ୍ରମା ପ୍ରକଳ୍ପ ବୁଲାଯିବ। ଯାହାକି ଆସନ୍ତା ୨୨ ତାରିଖ ଯାଏଁ ଚାଲିବ। ବିଜେପି କହିଛି ଭୋଟ ବ୍ୟାଙ୍କ ବଢାଇବାକୁ ସରକାରୀ ଟଙ୍କାରେ ଦଳୀୟ କର୍ମୀଙ୍କୁ ପୁରୀ ବୁଲାଉଛନ୍ତି ସରକାର। କଂଗ୍ରେସ ମଧ୍ୟ କହିଛି ପରିକ୍ରମା ପ୍ରକଳ୍ପ ଅନିୟମିତତା ଲୁଚାଇବାକୁ ସରକାରଙ୍କ ଏହା ଭାଣ୍ଡାମୀ। ତେବେ କାର୍ଯ୍ୟକ୍ରମ ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନଥିବା ସଫେଇ ଦେଇଛି ବିଜେଡି।

## ଖୋଲା କରୁଛନ୍ତି ସାଇବର ଅପରାଧୀ, ଥଳକୂଳ ପାଉନି ପୁଲିସ୍

ଭୁବନେଶ୍ୱର (ଭିଓଭି): ବଢ଼ି ଚାଲିଛି ସାଇବର ଅପରାଧ। ହୁସିଆର ହେଉନାହାନ୍ତି ଜନସାଧାରଣ। ଏଭଳି କ୍ଷେତ୍ରରେ କିଭଳି କରିବେ ନିଜ ଡାଟାର ସୁରକ୍ଷା ? କିଭଳି ସାଇବର ଠକେଇରୁ ବଞ୍ଚିବେ ? କେଉଁ ଆପ ବ୍ୟବହାର କଲେ ଆପଣଙ୍କ ଗୋପନୀୟ ତଥ୍ୟ ଚୋରି ହେବାର ସମ୍ଭାବନା ରହିଛି। ଡାଟା ସୁରକ୍ଷା ଦିବସରେ କ'ଣ ରହିବ ଆପଣଙ୍କ ପାଇଁ ସୁରକ୍ଷାର ମନ୍ତ୍ର।




ଆଜି ଡାଟା ସୁରକ୍ଷା ଦିବସ। ଇଣ୍ଟରନେଟ ଯୁଗରେ ନିଜର ଧନଜୀବନ ସୁରକ୍ଷା ପାଇଁ ଡାଟା ସୁରକ୍ଷା ପ୍ରଥମ କାମ। ନିକଟରେ ଗୁଗୁଲ୍- ପ୍ଲେ ଷ୍ଟୋରରୁ ଅନେକ ଆପ୍ ?କୁ ନିଷିଦ୍ଧ କରାଯାଇଛି। ବ୍ୟବହାରକାରୀଙ୍କ ତଥ୍ୟର ସୁରକ୍ଷା ଏବଂ ଗୋପନୀୟତାକୁ ଦୃଷ୍ଟିରେ ରଖି କେତେକ ଆପ୍ ଗୁଡ଼ିକୁ ହଟାଇ ଦିଆଯାଇଛି। ଏଗୁଡ଼ିକ ଅନେକ ଥାର୍ଡ ପାର୍ଟି ଷ୍ଟୋରରେ ଉପଲବ୍ଧ ହେଉଛି।

ତଥ୍ୟ ଚୋରି କରୁଥିବା ଏହିପରି ବିପଦଜନକ ଆପର ସଂଖ୍ୟା ବଢ଼ିଚାଲିଛି। ଡାଟା ସୁରକ୍ଷାକୁ ପ୍ରାଥମିକ କାର୍ଯ୍ୟ ଭାବେ ନେଇ କ'ଣ କଲେ ସାଇବର ଠକେଇରୁ ବଞ୍ଚି ପାରିବେ ସେ ନେଇ ସାଇବର ଥାନା ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି।

ଦିନକୁ ଦିନ ସାଇବର ଅପରାଧ ବଢିବାରେ ଲାଗିଛି। ବିଭିନ୍ନ ଆଳ ଦେଖାଇ କ୍ରେଡିଟ କାର୍ଡ, ଇନ୍ସୁରାନ୍ସ, ଇଲେକ୍ଟ୍ରି ବିଲ, ଅନଲାଇନ ସପିଂ, ନ୍ୟୁଡ଼ କଲ ଜରିଆରେ କୋଟି କୋଟି ଟଙ୍କାର ଠକେଇ ହେଉଛି। କିଛିଦିନ ତଳେ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ବିଲ୍, ୨୦୨୩ ଗୃହୀତ ହୋଇଛି। ଯେଉଁଥିରେ ବ୍ୟକ୍ତିଗତ ଡାଟାକୁ ସଂଗୃହିତ କରି ରଖିବା ସହ କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ଦାୟିତ୍ୱ ଲାଗୁ କରିବାର ବ୍ୟବସ୍ଥା ରହିଛି। ଦିନକୁ ଦିନ ହୁ ହୁ ହୋଇ ବଢ଼ି ଚାଲିଛି ସାଇବର ଅପରାଧ। ଭୁବନେଶ୍ୱର ସାଇବର ଥାନା ପ୍ରତିଷ୍ଠା ହେବା ପରେ ପ୍ରଥମ ବର୍ଷରେ ୧୦ କୋଟି ଟଙ୍କାର ଯଠକେଇ ମାମଲା ରୁଜୁ ହୋଇଥିଲା। ସେପଟେ ୨୦୨୪ ର ପ୍ରଥମ ମାସ ନ ସରୁଣୁ ୧କୋଟି ଟଙ୍କାର ଠକେଇ ମାମଲା ରୁଜୁ ହେଲାଣି। ଏଣୁ ଏ ଦିଗରେ ଲୋକଙ୍କୁ ସଚେତନ କରିବା ନିତାନ୍ତ ଆବଶ୍ୟକ।

## କୁବେର କନିଷ୍ଠ ଯନ୍ତ୍ରୀ; ୧୨ଟି ପ୍ଲଟ୍ ସାଙ୍ଗକୁ ରହିଛି ୩ ମହଲା ଘର

ମାଲକାନଗିରି (ଭିଓଭି): ମାଲକାନଗିରି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୀୟ କୁମାର ମହାନ୍ତି ଜମା କରିଛନ୍ତି ପୁଳା ପୁଳା ସମ୍ପତ୍ତି। ଆଜି ଭିଜିଲାନ୍ସ ରେଡ୍ ବେଳେ ଏହା ସାମ୍ନାକୁ ଆସିଛି। ଜେଇଙ୍କର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହରରେ ଓ ଏହା ଆଖପାଖ ଅଞ୍ଚଳରେ ୧୧ଟି ପ୍ଲଟ ଠାବ କରିଛି ଭିଜିଲାନ୍ସ। ସେହିପରି ଜଳେଶ୍ୱରର ଦେଉଳିପଞ୍ଚୁଘାଣ୍ଟରେ ତାଙ୍କର ଗୋଟିଏ ୩ ମହଲା କୋଠା ଅଛି। ଭୁବନେଶ୍ୱରର ରଘୁନାଥପୁରରେ ଥିବା ଗ୍ରୀନ୍ ହୋମ୍ସ ଆପାର୍ଟମେଣ୍ଟରେ ତାଙ୍କର ଏକ ଦୁଇ ବିଏଚ୍‌କେ ଫ୍ଲାଟ ଅଛି। ଜେଇ ସଞ୍ଜୀୟ କୁମାର ମହାନ୍ତିଙ୍କ ଘରୁ ନଗଦ ୧ ଲକ୍ଷ ୪୩ ହଜାର ଟଙ୍କା ଜବତ ହୋଇଛି। ସେ ବ୍ୟାଙ୍କ, ପୋଷ୍ଟାଲ, ବୀମା ଓ ଅନ୍ୟାନ୍ୟ ସ୍ଥାନରେ ଟଙ୍କା ଜମା ରଖିଛନ୍ତି। ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି (ହୋଣ୍ଡା ସିଟି) ଓ ୨ଟି ଦୁଇ ଚକିଆ ଗାଡ଼ି ଅଛି।



କନିଷ୍ଠ ଯନ୍ତ୍ରୀ ସଞ୍ଜୀୟ କୁମାର ମହାନ୍ତିଙ୍କ ୩ ମହଲା କୋଠାଟି ୧୦ ହଜାର ବର୍ଗଫୁଟ୍ ଅଞ୍ଚଳରେ ତିଆରି ହୋଇଛି। ସେହିପରି ଭୁବନେଶ୍ୱରରେ ଥିବା ଫ୍ଲାଟ୍ ?ଟି ୧୨୦୦ ବର୍ଗଫୁଟର ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଦୁଇ ଘର ସହିତ ତାଙ୍କ ପ୍ଲଟ୍ ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ମାପଚୁପ ଓ ହିସାବ ଜାରି ରଖିଛି।

ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ମାଲକାନଗିରି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୀୟ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମାଲକାନଗିରି, ଭୁବନେଶ୍ୱର ଓ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ସମେତ ୭ଟି ସ୍ଥାନରେ ଏକ ସଙ୍ଗେ ଏହି ଚଢାଉ ହୋଇଥିଲା। ସଞ୍ଜୀୟଙ୍କର ମାଲକାନଗିରିରେ ଥିବା ଭଡ଼ା ଘର ଓ କାର୍ଯ୍ୟାଳୟ, ଜଳେଶ୍ୱରରେ ଥିବା ପୈତୃକ ଘର, ଭୁବନେଶ୍ୱରରେ ଥିବା ଫ୍ଲାଟ୍ ଓ ପୋଖରୀପୁଟରେ ଥିବା ଶ୍ୱଶୁର ଘର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏପରିକି କନିଷ୍ଠ ଯନ୍ତ୍ରୀ ମାଲକାନଗିରିରେ ଯେଉଁ ଘରେ ଭଡ଼ାରେ ରହୁଛନ୍ତି, ତା'ର ମାଲିକଙ୍କ ଘରେ ମଧ୍ୟ ରେଡ୍ ହୋଇଥିବା ସୂଚନା ମିଳିଛି।

# ବାଜି ମାରିଲା ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର (ଭିଓଭି): ଗଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗଡ଼ିଥିଲା ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ। ସେଥି ମଧ୍ୟରୁ ଓଡ଼ିଶାର ପ୍ରଜ୍ଞାପନ ମେଢ ବାରି ହୋଇପଡ଼ିଥିଲା। ଓଡ଼ିଶାର କଳା, ସଂସ୍କୃତି, ନାରୀ ସଶକ୍ତିକରଣକୁ ସେଥିରେ ସ୍ଥାନୀତ କରାଯାଇଥିଲା।

ବାଜି ମାରିଲା ଓଡ଼ିଶା ପ୍ରଜ୍ଞାପନ ମେଢ଼। ଦିଲ୍ଲୀ ଗଣତନ୍ତ୍ର ଦିବସ ପରେଡରେ ସାମିଲ ହୋଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ ପ୍ରଥମ ସ୍ଥାନ ଅଧିକାର କରିଛି। ବିଚାରକ ମଣ୍ଡଳୀ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ପ୍ରଥମ ସ୍ଥାନ ଦେଇଛନ୍ତି। ଓଡ଼ିଶା ତଳେ ଗୁଜରାଟ ଦ୍ୱିତୀୟରେ ଓ ତାମିଲ୍‌ନାଡୁ ତୃତୀୟରେ ରହିଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।




ଗଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗଡ଼ିଥିଲା ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ। ସେଥି ମଧ୍ୟରୁ ଓଡ଼ିଶାର ପ୍ରଜ୍ଞାପନ ମେଢ ବାରି ହୋଇପଡ଼ିଥିଲା। ଓଡ଼ିଶାର କଳା, ସଂସ୍କୃତି, ନାରୀ ସଶକ୍ତିକରଣକୁ ସେଥିରେ ସ୍ଥାନୀତ କରାଯାଇଥିଲା। ଓଡ଼ିଶାର ପ୍ରଜ୍ଞାପନ ମେଢ ଯେତେବେଳେ କର୍ତ୍ତବ୍ୟ ପଥରେ ଗଡ଼ିବା ଆରମ୍ଭ କରିଥିଲା, ସେତେବେଳେ କରତାଳିରେ ପ୍ରକମ୍ପିତ ହୋଇଥିଲା ଗଗନ ଓ ପବନ। ଅତିଥିମାନେ କରତାଳି ଦେଇ ସ୍ୱାଗତ କରିଥିଲେ।

ଭାସ୍କର୍ଯ୍ୟ ଶିଳ୍ପୀ ଗଜେନ୍ଦ୍ର ସାହୁଙ୍କ କହିବା ଅନୁସାରେ ଓଡ଼ିଶାର ପ୍ରଜ୍ଞାପନ ମେଢଟି ଅନ୍ୟମାନଙ୍କଠାରୁ ପୂରା ଅଲଗା ଥିଲା। ଯେ କୌଣସି ଲୋକେ ଦେଖିଲେ, ତା' ଆଖି ଲାଗି ଯାଉଥିଲା। ଆଉ ଆଶା କରିଥିଲୁ ନିଶ୍ଚିତ ଭାବେ ପୁରସ୍କାର ମିଳିବ। ପ୍ରଜ୍ଞାପନ ମେଢ ପାର୍ଶ୍ୱରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଥିବା ନୃତ୍ୟଶିଳ୍ପୀମାନେ ଅତି ନିପଟ ମଫସଲ ଗାଁରୁ ଯାଇଥିଲେ। ସେମାନେ ଉତ୍ସର୍ଗୀକୃତ ଭାବେ ନୃତ୍ୟ ପରିବେଷଣ କରୁଥିଲେ। ଚଳିତବର୍ଷ ଦିଲ୍ଲୀରେ ପ୍ରବଳ ଥଣ୍ଡା ହେଉଥିଲା। ତାହାରି ଭିତରେ ଶିଳ୍ପୀମାନେ ଦିନରାତି ଏକ କରି ସୁନ୍ଦର ଭାବେ କାମ କରିଥିଲେ। ସେଥିପାଇଁ ସେହି ଶିଳ୍ପୀମାନଙ୍କୁ ମୁଁ କୃତଜ୍ଞତା ଜଣାଉଛି ବୋଲି ଶ୍ରୀ ସାହୁ କହିଛନ୍ତି।

ସେ ଆହୁରି କହିଛନ୍ତି, ଓଡ଼ିଶା ପ୍ରଜ୍ଞାପନ ମେଢରେ ପଟ୍ଟଚିତ୍ରରେ ସଜେଇ ହୋଇଥିଲା କନ୍ଦର୍ପ ହାତୀ। ଏହି ପଟ୍ଟଚିତ୍ରଟି କେବଳ ଓଡ଼ିଶାରେ ରହିଛି। ତାହା ହେଉଛି ରଘୁରାଜପୁରରେ। ସେଥିରେ ନାରୀ ଶସକ୍ତିକରଣକୁ ଦେଖାଯାଇଛି। ତା' ଛଡ଼ା ଚାଳ ଘର ଦେଖାଯାଇଛି। ମେଢ ଆଗରେ ବୁଲୁଥିବା ଚକ ନନ୍ଦିଘୋଷ ରଥର ଚକ। ଇଏ ସବୁ କଲରଫୁଲ୍ ଥିଲା। ଯାହା ସମସ୍ତଙ୍କୁ ଆକର୍ଷିତ କରିଥିଲା ବୋଲି ଭାସ୍କର୍ଯ୍ୟ ଶିଳ୍ପୀ ଗଜେନ୍ଦ୍ର ସାହୁ କହିଥିଲେ।

ଭାଗ-୧ । ସଂଖ୍ୟା-୧୨ । ଭୁବନେଶ୍ୱର । ୫ରୁ ୧୧ ଫେବୃଆରୀ ୨୦୨୪
Vol-1 | Issue-12 | Bhubaneswar | 5 to 11 February 2024

**କୌଣସି ବ୍ୟକ୍ତିର ଆଚାର-ସ୍ୱଭାବ ଦେଖି ତାଙ୍କର ବ୍ୟକ୍ତିତ୍ୱ କିପରି ଜାଣିବା ପୂର୍ବରୁ ଏବେ ଆପଣ ତାଙ୍କ ହସ୍ତାକ୍ଷର ଦେଖି ମଧ୍ୟ ଆପଣ ବେଶ୍ କିଛି ଜାଣିପାରିବେ। କାରଣ ହସ୍ତାକ୍ଷର ହିଁ ବ୍ୟକ୍ତିତ୍ୱକୁ ପ୍ରଦର୍ଶିତ କରିଥାଏ। ତାହାଲେ ଆସନ୍ତୁ ଜାଣିବା, ହସ୍ତାକ୍ଷରରୁ କେମିତି ଜାଣିବେ କାହାର କିଭଳି ବ୍ୟକ୍ତିତ୍ୱ।**

# ହସ୍ତାକ୍ଷରରୁ ଜାଣନ୍ତୁ ବ୍ୟକ୍ତିତ୍ୱ





- ଯେଉଁ ବ୍ୟକ୍ତି କିଛି ଲେଖିବା ବେଳେ ପ୍ରଥମ ଅକ୍ଷରଟିକୁ ବଡ଼ କରି ଲେଖିଥାନ୍ତି, ସେ ବିଶେଷ ପ୍ରତିଭାର ଅଧିକାରୀ ହେବା ସହ ଧନୀ ଅଟନ୍ତି। ଏଥିସହ କୌଣସି ଏକ କାର୍ଯ୍ୟକୁ ନିଜସ୍ୱ ଶୈଳୀରେ କରିଥାନ୍ତି।
- ଅସୁନ୍ଦର ତଥା ଅସ୍ପଷ୍ଟ ଦିଶୁଥିବା ଲେଖା ଲେଖୁଥିବା ବ୍ୟକ୍ତି ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେବା ସହ ସୁଖୀ ଜୀବନ ଜିଇଁପାରନ୍ତିନାହିଁ।
- ଯେଉଁମାନେ ହସ୍ତାକ୍ଷର ତଳେ ଦୁଇଟି ଗାର ପକାଇଥାନ୍ତି, ସେମାନେ ଅସୁରକ୍ଷିତ ତଥା ଭୟଭୀତ ଭାବନା ଦେଇ ଗତି କରନ୍ତି। ଏଭଳି ଲୋକ ଯେକୌଣସି କାର୍ଯ୍ୟରେ ସଫଳତା ପାଇବା ନେଇ ଆଶଙ୍କାରେ ଥାଆନ୍ତି।
- ସିଗ୍ନେଚର୍ ବା ସ୍ୱାକ୍ଷର କରିବା ସମୟରେ ନିଜ ନାଁର ପ୍ରଥମ ଅକ୍ଷରକୁ ସାମାନ୍ୟ ଉପର-ତଳ କରି ଲେଖୁଥିବା ବ୍ୟକ୍ତି ବହୁ ପ୍ରତିଭାର ଅଧିକାରୀ ଅଟନ୍ତି। ଏଭଳି ଲୋକ ଜୀବନର ସବୁ ସୁଖ-ସୁବିଧା ଲାଭ କରିପାରନ୍ତି।
- ଯେଉଁ ବ୍ୟକ୍ତିଙ୍କ ହସ୍ତାକ୍ଷର ଏକାପ୍ରକାର ଦେଖାଯାଏନାହିଁ, ସେ ମାନସିକ ରୂପରେ ଅସ୍ଥିର ଅଟନ୍ତି। ତାଙ୍କୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବାକୁ ପଡ଼ିଥାଏ।
- ପ୍ରଥମ ଅକ୍ଷରକୁ ବଡ଼ କରି ଆଉ ସବୁ ଅକ୍ଷରକୁ ଛୋଟ ଛୋଟ ଏବଂ ସୁନ୍ଦର ଭାବେ ଲେଖୁଥିବା ବ୍ୟକ୍ତି ଧୀରେ ଧୀରେ କୌଣସି ଏକ ବିଶେଷ ସଫଳତା ହାସଲ କରିପାରନ୍ତି।
- କେହି କେହି ଲେଖିବା ସମୟରେ ଅକ୍ଷରଗୁଡ଼ିକୁ ଅଙ୍କାବଙ୍କା କିମ୍ବା ଏପଟସେପଟ କରି ଲେଖିଥାନ୍ତି। ଶବ୍ଦଗୁଡ଼ିକ ଛୋଟ ଛୋଟ, ଅସ୍ପଷ୍ଟ ଦିଶୁଥିବାରୁ ସହଜରେ ପଢ଼ିହୁଏ ନାହିଁ। ଏଭଳି ହସ୍ତାକ୍ଷର ଲେଖୁଥିବା ବ୍ୟକ୍ତି ବହୁତ ଚାଲାକ୍ ଅଟନ୍ତି। ସେମାନେ ନିଜର କୌଣସି ଗୁପ୍ତ କଥା କାହାକୁ କୁହନ୍ତି ନାହିଁ।
- ଯେଉଁମାନଙ୍କ ହସ୍ତାକ୍ଷର ସାମାନ୍ୟ କଟିଯାଇଥିବା ଭଳି ଦେଖାଯାଏ, ସେମାନେ ନକାରାତ୍ମକ ବିଚାରଧାରାର ଅଟନ୍ତି। ଯେକୌଣସି କାମରେ ଅସଫଳତା ପାଇବା ଭଳି ମନେକରନ୍ତି।
- ଯେଉଁମାନେ କଳାତ୍ମକ ତଥା ଆକର୍ଷଣୀୟ ହସ୍ତାକ୍ଷର ଲେଖନ୍ତି ସେମାନେ ସାଧାରଣତଃ ରଚନାତ୍ମକ ସ୍ୱଭାବର ହୋଇଥାନ୍ତି। ସବୁ କାମକୁ ସେମାନେ କଳାତ୍ମକ ଢ଼ଙ୍ଗରେ କରିବାକୁ ବେଶ୍ ପସନ୍ଦ କରନ୍ତି ଏବଂ କେତେକ କ୍ଷେତ୍ରରେ ବେଶ୍ ପାରଙ୍ଗମ।

# ଚାଉଳ ଧୁଆ ପାଣି ଓ ଉପକାରୀ ଗୁଣ

**ଭାତ ରାନ୍ଧିବା ସମୟରେ ଚାଉଳ ଧୋଇଥିବା ପାଣିକୁ ସମସ୍ତେ ଫୋପାଡ଼ିଦିଅନ୍ତି। କିନ୍ତୁ ଗବେଷକମାନଙ୍କ ମତରେ, ଏହି ଚାଉଳ ଧୁଆ ପାଣି ଆମ ଶରୀରର ତ୍ୱଚା, କେଶ ଭଳି ବିଭିନ୍ନ ଅଙ୍ଗକୁ ସୁସ୍ଥ ରଖିବାରେ ସହାୟକ ହୋଇପାରେ। ଚାଉଳ ଧୁଆ ପାଣିରେ ପ୍ରଚୁର ମାତ୍ରାରେ କାର୍ବୋହାଇଡ୍ରେଟ୍ସ୍ ଏବଂ ଏମିନୋ ଏସିଡ୍ ରହିଛି। ଏହାର ବିଭିନ୍ନ ଉପକାରୀ ଗୁଣ କ'ଣ ସେ ବିଷୟରେ ଜାଣିରଖନ୍ତୁ....**

- ନିୟମିତ ଚାଉଳ ଧୁଆ ପାଣିରେ ମୁହଁ ଧୋଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ। ଏଥିସହ ମୁହଁର ଦାଗ ମଧ୍ୟ ଦୂର ହେବା ସହ ତ୍ୱଚାରେ କୋମଳତା ଏବଂ ଉଜ୍ଜ୍ୱଳତା ଆସେ।
- ଚାଉଳ ଧୁଆ ପାଣିରେ ଭରପୁର ଫାଇବର୍ ଥାଏ। ଏହାକୁ ପିଇଲେ ଖାଦ୍ୟ ହଜମ ସହଜ ହେବା ସହ କୋଷ୍ଠକାଠିନ୍ୟ ଦୂର ହୁଏ। ଶରୀରରେ ଜଳୀୟଅଂଶ କମ୍ ରହିଥିଲେ ଚାଉଳ ଧୁଆ ପାଣି ପିଇବା ଉଚିତ୍। ତୁରନ୍ତ ଆରାମ ମିଳିବ।



- ଡାଇରିଆ ସମସ୍ୟା ଥିଲେ ଚାଉଳ ପାଣି ପିଇଲେ ଉପଶମ ମିଳିଥାଏ। ଏଥିରେ ଆଣ୍ଟି-ଭାଇରାଲ୍ ଉପାଦାନ ରହିଛି। ତେଣୁ ଭୂତାଣୁ ଜନିତ ଜ୍ୱର ହେଲେ ଏହି ପାଣି ପିଇବା ଉଚିତ୍।
- ପେଟରେ ଜଳାପୋଡ଼ା ହେଉଥିଲେ ଏକ କପ୍ ଚାଉଳ ପାଣି ପିଇଲେ ଆରାମ ମିଳେ। ଏହି ପାଣି ପିଇଲେ ଶରୀରକୁ ଶକ୍ତି ମିଳିବା ସହ ଦୁର୍ବଳତା ଦୂର ହୁଏ।
- ସାମ୍ପୁ କରିବା ପରେ ଚାଉଳ ପାଣିକୁ କଣ୍ଡିସନର୍ ଭଳି ବ୍ୟବହାର କରାଯାଇପାରେ। ଫଳରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନରମ, ସିଲ୍କ ଏବଂ ଶୀଘ୍ର ବଢ଼ିଥାଏ।
- ନିୟମିତ ରାତିରେ ଶୋଇବା ପୂର୍ବରୁ କଟନ୍ ଦ୍ୱାରା ଚାଉଳ ଧୁଆ ପାଣି ଆଖି ଆଖପାଖରେ ଲଗାନ୍ତୁ। ଦେଖିବେ, କିଛିଦିନ ପରେ ଡାର୍କ ସର୍କଲ୍ ଦୂର ହୋଇପାରେ।

● ଚାଲ ବୁଲିଯିବା

# ପ୍ରଧାନପାଟ




**ପ୍ରାକୃତିକ ସୌନ୍ଦର୍ଯ୍ୟ ପିପାସୁ ଯେକୌଣସି ବ୍ୟକ୍ତି ପାଇଁ ପ୍ରଧାନପାଟ ଏକ ଆକର୍ଷଣୀୟ ଓ ଦର୍ଶନୀୟ ସ୍ଥାନ। ଖରା ଛୁଟିରେ ପର୍ଯ୍ୟଟନପ୍ରେମୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏହି ଦର୍ଶନୀୟ ସ୍ଥାନକୁ ବିରଳ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ ପୃଷ୍ଠଭୂମିକୁ ବୁଲି ଦେଖିବା ଆବଶ୍ୟକ। ଏପରିକି, ଏଠାରେ ଗ୍ରୀଷ୍ମଋତୁରେ ଶୀତଳ ଜଳବାୟୁର ସ୍ପର୍ଶ ଦର୍ଶକମାନେ ପାଇପାରିବେ।**

ପ୍ରାକ୍ତନ ବାମଣ୍ଡା ରାଜ୍ୟର ରାଜଧାନୀ-ଦେବଗଡ଼। ସମ୍ବଲପୁର ଠାରୁ ପ୍ରାୟ ଶହେ କିଲୋମିଟର ଦୂରରେ ଓ ଦେବଗଡ଼ ଠାରୁ ମାତ୍ର ଦୁଇ କିଲୋମିଟର ପଶ୍ଚିମରେ ପ୍ରଧାନପାଟ ଅବସ୍ଥିତ। ଇତିହାସର ତଥ୍ୟ ଅନୁସାରେ- ରାଜା ବାସୁଦେବ ସୁଢ଼ଳ ଦେବ ୧୮୭୪ ଖ୍ରୀ:ରୁ ୧୯୩୦ ଖ୍ରୀ: ପର୍ଯ୍ୟନ୍ତ ଦେବଗଡ଼ର ସିଂହାସନରେ ଅଧିଷ୍ଠିତ ଥିଲେ। ଏହି ସମୟରେ ହିଁ ଦେବଗଡ଼ର ସାଂସ୍କୃତିକ ଓ ଶିକ୍ଷାଗତ ପ୍ରଗତି ସମ୍ଭବ ହୋଇଥିଲା। ସେଠାରେ ଥିବା ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରି ଏହାକୁ କଲିକତା ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଥିଲେ। ତାଙ୍କର ସବୁଠାରୁ ଜନହିତକର ପଦକ୍ଷେପ ହେଲା ଜଳ ବିଦ୍ୟୁତ ଉତ୍ପାଦନ ଓ ଜଳ ଯୋଗାଣ ବ୍ୟବସ୍ଥା ପ୍ରବର୍ତ୍ତନ। ତେଣୁ ସେ ପ୍ରଧାନପାଟ ଜଳପ୍ରପାତରୁ ଆଧୁନିକ ପ୍ରଣାଳୀରେ ପାଇପ୍ ଯୋଗେ ଦେବଗଡ଼ ସହରକୁ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। ପ୍ରଧାନପାଟ ପର୍ବତମାଳାର ଅନ୍ୟ ଏକ ଜଳପ୍ରପାତ କୋରଡ଼କୋଟ୍‌ରୁ ଜଳ ବିଦ୍ୟୁତ ଉତ୍ପାଦନ କାର୍ଯ୍ୟକାରୀ ମଧ୍ୟ କରିଥିଲେ। ଏହା ଥିଲା ସମଗ୍ର ଭାରତରେ ସର୍ବପ୍ରଥମ ଜଳ ବିଦ୍ୟୁତ୍ ଯୋଜନା।

ପ୍ରଧାନପାଟ ଜଳପ୍ରପାତର ଉପରି ଭାଗରେ ପର୍ଯ୍ୟଟକମାନେ ଏକ କ୍ଷୁଦ୍ର ଗୁମ୍ଫା ଦେଖିବାକୁ ପାଇବେ। ଏହି ଗୁମ୍ଫା ଭିତରେ ଏକ ବାଘ ଓ ଏକ ସାପର ପ୍ରତିମୂର୍ତ୍ତି ରହିଛି। ଅନେକାଂଶରେ ବିକୃତ ବି ହୋଇଗଲାଣି। ଏହି ପ୍ରତିମୂର୍ତ୍ତିକୁ ନେଇ ଏକ କିମ୍ବଦନ୍ତୀ ଥିବା କଥା ଶୁଣିବାକୁ ମିଳେ। କଥିତ ଅଛି ଯେ, ଉକ୍ତ ଗୁମ୍ଫାରେ ଏକ ବାଘ ଓ ଏକ ସାପ ବନ୍ଧୁତ୍ୱର ବନ୍ଧନରେ ବାନ୍ଧିହୋଇ ଏକାଠି ବସବାସ କରୁଥିଲେ। କୌଣସି ଏକ ବିଳାସୀ ରାଜକୁମାର ନିଜର ଶିକାର ବାସନା ଚରିତାର୍ଥ କରିବା ପାଇଁ ବାଘଟିକୁ ଶିକାର କଲେ। ତାଙ୍କ ଲକ୍ଷ୍ୟ ଭେଦ କରିପାରିଥିବାରୁ ଗର୍ବରେ ଉଲ୍ଲସିତ ହୋଇ ମୃତ ବାଘଟିକୁ ଆଣିବାକୁ ଯେତେବେଳେ ଗୁମ୍ଫା ନିକଟରେ ପହଞ୍ଚିଲେ, ବନ୍ଧୁ ବିଚ୍ଛେଦ ଦୁଃଖରେ ମ୍ରିୟମାଣ ସାପଟି କ୍ରୋଧ ଓ ପ୍ରତିଶୋଧପରାୟଣ ହୋଇ ରାଜକୁମାରଙ୍କୁ ଦଂଶନ କଲା। ରାଜକୁମାର ସେହିଠାରେ ହିଁ ଶେଷ ନିଶ୍ୱାସ ତ୍ୟାଗକଲେ।

ପ୍ରଧାନପାଟ ଜଳପ୍ରପାତର ଉଚ୍ଚତା ପ୍ରାୟ ପଚିଶ ମିଟର ଏବଂ ଏହା ଅପେକ୍ଷାକୃତ ଓସାରିଆ ଭାବରେ ଝରି ଆସିଛି। ସକାଳର କଅଁଳ ସୂର୍ଯ୍ୟକିରଣ ଯେତେବେଳେ ଏହି ଜଳଧାରା ଉପରେ ପଡ଼େ, ସେତେବେଳେ କେବଳ ସେହି ଜଳଧାରା ନୁହେଁ, ସମଗ୍ର ପରିବେଶ ଚକ୍‌ମକ୍ ହୋଇଉଠେ। ହିମ ଶୀତଳ ପାହାଡ଼ର ପାଦ ଦେଶରେ ଠିଆହୋଇ ଏହି ଆଖି ଝଲସା ମନ ସରସା ସୁଷମା ଉପଭୋଗ କରିବା ସତରେ ଏକ ରୋମାଞ୍ଚକର ଅନୁଭୂତି।

ପ୍ରଧାନପାଟ ନିକଟରେ ଥିବା ରେଙ୍ଗାଲି ବନ୍ଧ(୧୦୦ କିମି), ଉଷାକୋଠି ଅଭୟାରଣ୍ୟ (୫୦କିମି), ମନ୍ଦିରମାଳିନୀ ସମ୍ବଲପୁର (୧୦୦ କିମି), ହୀରାକୁଦ ବନ୍ଧ (୧୧୦ କିମି) ଇତ୍ୟାଦି ଅତିରିକ୍ତ ଦର୍ଶନୀୟ ସ୍ଥାନ। ଏହାବାଦ୍ ପଶ୍ଚିମ ଓଡ଼ିଶାର ମନ୍ଦିର ଇତିହାସରେ ଦେବଗଡ଼ର ଗୋପୀନାଥ, ଜଗନ୍ନାଥ ଓ ଗୋକର୍ଣ୍ଣେଶ୍ୱର ମନ୍ଦିର ଉଲ୍ଲେଖନୀୟ। ଅନ୍ୟ ଏକ ଦର୍ଶନୀୟ କୀର୍ତ୍ତି ହେଉଛି ଦେବଗଡ଼ର ରାଜବାଟୀ।

ପ୍ରଧାନପାଟ ଭ୍ରମଣକାରୀଙ୍କ ପାଇଁ ଅନ୍ୟ ଏକ ଆକର୍ଷଣ ଥିଲା ଏହାର ପ୍ରମୋଦ ଉଦ୍ୟାନ। ବିଭିନ୍ନ ପ୍ରକାର ଫଳ, ପୁଷ୍ପ ଶୋଭିତ ବୃକ୍ଷଲତାରେ ସଜ୍ଜିତ ଏହି ଉଦ୍ୟାନରେ ଶତାଧିକ ମୂର୍ତ୍ତି ମଧ୍ୟ ସ୍ଥାପନ କରାଯାଇଥିଲା। ବିଭିନ୍ନ ଲାସ୍ୟ ଓ ଭଙ୍ଗୀରେ ଦଣ୍ଡାୟମାନ ଏହି ମୂର୍ତ୍ତି ଗୁଡ଼ିକ ଜୀବନ୍ତ ଭଳି ମନେ ହେଉଥିଲା। ମାତ୍ର ଦର୍ଶକମାନଙ୍କର ଅପବ୍ୟବହାର ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଆଜି ବିକଳାଙ୍ଗ ଓ ବିକୃତ ହୋଇପଡ଼ିଛି। ପ୍ରାଚୀନ କୀର୍ତ୍ତି ଓ କଳାକୃତି ଗୁଡ଼ିକର ସଂରକ୍ଷଣର ଆବଶ୍ୟକତା ଯେ କେତେ ବେଶୀ, ସେ ପ୍ରସଙ୍ଗ ଏହି ପ୍ରମୋଦ ଉଦ୍ୟାନ ଦେଖିଲା ମାତ୍ରେ ହିଁ ଯେ କେହି ସ୍ୱୟଂ ଅନୁଭବ କରିପାରିବେ।

ଦେବଗଡ଼ର ଅନ୍ୟ ଏକ ଅମୂଲ୍ୟ ସମ୍ପଦ ହେଉଛି ସଚ୍ଚିଦାନନ୍ଦ ପାଠାଗାର। ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ପୃଷ୍ଠପୋଷକତାରେ ଗଢ଼ି ଉଠିଥିବା ଏହି ପାଠାଗାରରେ ସହସ୍ରାଧିକ ଅମୂଲ୍ୟ, ଦୁଷ୍ପ୍ରାପ୍ୟ ପୋଥି ଓ ପୁସ୍ତକ ସଞ୍ଚିତ ହୋଇରହିଛି। ପଠନ ଓ ଗବେଷଣାର ଅନୁସନ୍ଧିତ୍ସା ଯେଉଁମାନଙ୍କର ରହିଛି, ସେମାନଙ୍କ ପାଇଁ ଏହି ପାଠାଗାର ପରିଦର୍ଶନ ଅପରିହାର୍ଯ୍ୟ ମନେହୁଏ। ଓଡ଼ିଶାର କତିପୟ ବୃହତ ପାଠାଗାରମାନଙ୍କ ମଧ୍ୟରେ ଏହା ଅନ୍ୟତମ ଯାହାକି ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ପରିଚାଳନାଧୀନ ରହିଛି।

# ପ୍ରଶ୍ନପତ୍ର ଲିକ କଲେ ୧୦ ବର୍ଷ ଜେଲ

**ନୂଆଦିଲ୍ଲୀ:** ସଂଗଠିତ ଭାବେ ପ୍ରବେଶିକା ପରୀକ୍ଷାରେ ଅନିୟମିତତା କରୁଥିବା ଲୋକଙ୍କୁ ୫ରୁ ୧୦ ବର୍ଷ ଯାଏ ଜେଲଦଣ୍ଡ ସହ ୧ କୋଟି ଟଙ୍କା ଫାଇନ ଦେବାକୁ ପଡ଼ିବ। ବିଭିନ୍ନ ସରକାରୀ ପ୍ରବେଶିକା ପରୀକ୍ଷା ପୂର୍ବରୁ ହେଉଥିବା ପ୍ରଶ୍ନପତ୍ର ଲିକ ଉପରେ ଲାଗିବ ରୋକ। କାରଣ ପ୍ରଶ୍ନପତ୍ର ଲିକ ରୋକିବାକୁ ସରକାର ଆଣିଥିବା ବିଲ ଆଜି ଲୋକସଭାରେ ପାସ ହୋଇଛି।

Public Examinations (Prevention of Unfair Means) Bill ରାଜ୍ୟସଭାରେ ଉପସ୍ଥାପନ ହେବ। ରାଜ୍ୟସଭାରେ ଏହା ପାରିତ ହୋଇଗଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ଯିବ। ସେ ମୋହର ମାରିବା କ୍ଷଣି ପେପର ଲିକ ଓ ପରୀକ୍ଷାରେ ହେଉଥିବା ହେରଫେରକୁ ରୋକିବା ପାଇଁ ଆସିଥିବା ବିଲ ଆଇନରେ ପରିଣତ ହୋଇଯିବ।



ବିଲ୍ ଦ୍ୱାରା ସ୍ୱଚ୍ଛତା ଓ ନିରପେକ୍ଷତା ସହ ପରୀକ୍ଷା ଦେଉଥିବା ପିଲାଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କିନ୍ତୁ ଯେଉଁମାନେ ପେପର ଲିକ କରିବେ କିମ୍ବା ଉତ୍ତର ଖାତାରେ ହେରଫେର କରିବେ, ସେମାନଙ୍କୁ ୧୦ ବର୍ଷ ଯାଏ ଜେଲ ସହ ୧ କୋଟି ଟଙ୍କାର ଜୋରିମାନା ଦେବାକୁ ପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପରୀକ୍ଷା ସହ ଜଡ଼ିତ ସମସ୍ତ ଅପରାଧକୁ ଜାମିନ ବିହୀନ ଓ କେବଳ ଜୋରିମାନାହୀନ କରାଯାଇଛି। ଏହାର ଅର୍ଥ ପୁଲିସ୍ ନିଜ ଇଚ୍ଛା ଅନୁସାରେ ବିନା ୱାରେଣ୍ଟରେ ସନ୍ଦିଗ୍ଧଙ୍କୁ ଗିରଫ କରିପାରିବ। ଅଭିଯୁକ୍ତଙ୍କୁ ଜାମିନ ମିଳିବ ନାହିଁ। ସେହିପରି ଅପରାଧକୁ ବୁଝାମଣା କରି ରଫାଦଫା କରାଯାଇ ପାରିବ ନାହିଁ ବୋଲି ବିଲରେ ବ୍ୟବସ୍ଥା କରାଯାଇଛି।

କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ବିଲ ଉପସ୍ଥାପନ କରି କହିଛନ୍ତି ଯେ ପ୍ରଶ୍ନପତ୍ର କିମ୍ବା ଉତ୍ତରଖାତା ଲିକ କରିବା, ପରୋକ୍ଷ କିମ୍ବା ପ୍ରତ୍ୟେକ୍ଷ ଭାବେ ଜଣେ ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ସହଯଗୋ କରିବା କିମ୍ବା ପରୀକ୍ଷାରେ ହେରଫେର କରିବା ଆଦିକୁ ବିଲରେ ଅପରାଧ ଭାବେ ବିବେଚନା କରାଯାଇଛି।

ବିଲ୍‌ରେ ବ୍ୟବସ୍ଥା ହୋଇଛି ଯେ ଯଦି କେହି ବ୍ୟକ୍ତି କିମ୍ବା ଗ୍ରୁପ ପ୍ରଶ୍ନପତ୍ର ଲିକ କିମ୍ବା ଉତ୍ତର ଖାତାରେ ହେରଫେର କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତା'ହେଲେ ତାଙ୍କୁ ସର୍ବନିମ୍ନ ୩ ବର୍ଷ ଜେଲ ଦଣ୍ଡ ମିଳିବ। ଏହାକୁ ୫ ବର୍ଷ ବୃଦ୍ଧି କରାଯାଇ ପାରିବ ଓ ଫାଇନ ୧୦ ଲକ୍ଷ ଟଙ୍କା ଯାଏ ରହିବ।

ସେବା ପ୍ରଦାନକାରୀ ସଂସ୍ଥା ଯଦି ସମ୍ଭାବ୍ୟ ଅପରାଧ ସମ୍ପର୍କରେ ଜାଣି ମଧ୍ୟ ଚୁପ ରହିବ, ତା'ହେଲେ ସେଭଳି ସଂସ୍ଥାକୁ ୧ କୋଟି ଟଙ୍କା ଯାଏ ଫାଇନ ଦେବାକୁ ହେବ। ସଂସ୍ଥାର ସିନିୟର ମ୍ୟାନେଜରଙ୍କୁ ୧୦ ବର୍ଷ ଯାଏ ଜେଲ କିମ୍ବା ୧ କୋଟି ଫାଇନ ଦେବାକୁ ପଡ଼ିବ।

ସଂଗଠିତ ଭାବେ ପ୍ରବେଶିକା ପରୀକ୍ଷାରେ ଅନିୟମିତତା କରୁଥିବା ଲୋକଙ୍କୁ ୫ରୁ ୧୦ ବର୍ଷ ଯାଏ ଜେଲଦଣ୍ଡ ସହ ୧ କୋଟି ଟଙ୍କା ଫାଇନ ଦେବାକୁ ପଡ଼ିବ।

ପରୀକ୍ଷା ସହ ଜଡ଼ିତ ହେରଫେର ଘଟଣାର ତଦନ୍ତ ଡିଏସ୍‌ପି, ଏସିପି ପ୍ୟାହ କିମ୍ବା ତା' ଠାରୁ ଅଧିକ ରାଙ୍କର ଅଧିକାରୀମାନେ ହିଁ ତଦନ୍ତ କରିପାରିବେ। କୌଣସି କନିଷ୍ଠ ରାଙ୍କର ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ମିଳିବ ନାହିଁ।

# ବହୁ ଚର୍ଚ୍ଚିତ ପରୀ ହତ୍ୟାକାରୀକୁ ୨୦ ବର୍ଷ ଜେଲ୍

**ନୟାଗଡ଼ (ଭିଓଭି):** କାରାଦଣ୍ଡାଦେଶ ଶୁଣାଇଲେ ନୟାଗଡ଼ ଚିଲ୍ଡ୍ରେନ୍‌ସ କୋର୍ଟ। ପରୀ ମାମଲାକୁ ନେଇ ୨୦୨୦ ମସିହାରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା।

ନୟାଗଡ଼ର ବହୁଚର୍ଚ୍ଚିତ ପରୀ ଦୁଷ୍କର୍ମ ହତ୍ୟା ମାମଲା ରାୟ। ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଲେ କୋର୍ଟ। କାରାଦଣ୍ଡାଦେଶ ଶୁଣାଇଲେ ନୟାଗଡ଼ ଚିଲ୍ଡ୍ରେନ୍‌ସ କୋର୍ଟ। ପରୀ ମାମଲାକୁ ନେଇ ୨୦୨୦ ମସିହାରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା।

ଘର ସାମ୍ନାରେ ଖେଳୁଥିଲା ୫ ବର୍ଷର କୁନି ଝିଅ ପରୀ। ହେଲେ ଘରକୁ ଫେରିନଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ପରୀଙ୍କ ପତ୍ତା ପାଇଲେ ନାହିଁ। ଏନେଇ ପରିବାର ଲୋକେ ଥାନାରେ ଲେଖିତ ଅଭିଯୋଗ କରିଥିଲେ। ହେଲେ ପ୍ରଥମେ ପୁଲିସ୍ ମାମଲା ରୁଜୁ କରିନଥିଲା। ପରୀ ନିଖୋଜରେ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ସହଯୋଗୀଙ୍କ ହାତ ଥିବାରୁ ପୁଲିସ୍ ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ଖେଳାଇ ଦେଇଥିଲା। ମାମଲାରେ ପୁଲିସ୍‌ର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିଲା।

ମାମଲା ସ୍ଥିତି ବାହାରକୁ ଯାଉଥିବା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଆଇପିଏସ୍ ଅଫିସର ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର। ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ପୁରୀର ବାପା, ମାଆ ଓ ପଡ଼ୋଶୀଙ୍କୁ ପଚରାଉଚରା କରିଥିଲା। ପରେ ପରୀର ଗଳିତ ଦେହାବଶେଷ ମିଳିଥିଲା। ଏକ ଅଖା ବସ୍ତାରୁ ଦେହାବଶେଷ ଓ ହାଡ଼ ଉଦ୍ଧାର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା।

କୋର୍ଟଙ୍କ ରାୟ ଆସିବା ପରେ ପରୀର ମାଆ କହିଛନ୍ତି, ଏଥିରେ ସେ ଜମାରୁ ଖୁସି ନାହାନ୍ତି। ଆମକୁ ଆଦୌ ନ୍ୟାୟ ମିଳିନି। ଗୋଟିଏ ନିର୍ଦ୍ଦୋଷକୁ ଧରି ସଜା ଦେଇଦେଲେ। ମୋ ଛୁଆକୁ ମାରିଦେଲେ। ଆଉ ଜଣଙ୍କ ଜୀବନ ବରବାଦ କରିଦେଲେ। ବାବୁଲି ନାଏକ ମୋ ଛୁଆକୁ ମାରିଛି। ହତ୍ୟାକାଣ୍ଡରେ ଅରୁଣ ସାହୁଙ୍କ ହାତ ଅଛି। ଗରିବ ବୋଲି ସେମାନେ ଆମକୁ ମଣିଷ ଭାବୁନାହାନ୍ତି। ଆମ ପାଖରେ ସମ୍ବଳ ନାହିଁ, କେବଳ ଧର୍ମରେ ଅଛୁ।ଯଦି ସୁଯୋଗ ମିଳେ, ତେବେ ସ୍ୱର ଉଠାଇବି ବୋଲି ପରୀର ମାଆ କହିଛନ୍ତି। ଦଣ୍ଡାଦେଶ ନେଇ ସରକାରୀ ଓକିଲ ଚିତ୍ତରଂଜନ କାନୁନଗୋ କହିଛନ୍ତି, ତଦନ୍ତରେ ଅନେକ ସାଇଣ୍ଟିଫିକ୍ ଏଭିଡେନ୍ସ ଦାଖଲ କରାଯାଇଥିଲା। ଆଇନ ଅନୁସାରେ ଦୋଷୀକୁ ଦଣ୍ଡଦେବା ସମସ୍ତଙ୍କ ଉଦ୍ଦେଶ୍ୟ ଥିଲା। ଏନେଇ କୋର୍ଟରେ ସମସ୍ତ ପ୍ରକାର ପ୍ରମାଣ ଓ ଯୁକ୍ତି ଉପସ୍ଥାପନ ହୋଇଥିଲା। ଦୋଷୀ ନାବାଳକ ହୋଇଥିବାରୁ ତାକୁ ୨୦ ବର୍ଷ ଜେଲ୍ ହେଲା। ଦୋଷୀ ସାବାଳକ ହୋଇଥିଲେ ତାକୁ ସର୍ବାଧିକ ଦଣ୍ଡ ଫାଶି ମିଳିଥାନ୍ତା। ଏବେ ସେ ୨୧ ବର୍ଷ ପର୍ଯ୍ୟନ୍ତ ବାଳ ସୁଧାର ଗୃହରେ ରହିବ। ୨୧ ବର୍ଷ ପୂରିଗଲେ ଦୋଷୀକୁ ଜେଲ୍ ପଠାଇ ଦିଆଯିବ ବୋଲି ସରକାରୀ ଓକିଲ କହିଛନ୍ତି।

## ଏକକ ନାଗରିକ ସଂହିତା: ଲିଭ୍-ଇନରେ ରହିବାକୁ ହେଲେ ମାନିବାକୁ ପଡ଼ିବ ନିୟମ

**ନୂଆଦିଲ୍ଲୀ:** ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ଲାଗୁ କରିବାକୁ ଯାଉଛି ୟୁନିଫର୍ମ ସିଭିଲ କୋଡ (ୟୁସିସି) ବା ଏକକ ନାଗରିକ ସଂହିତା। ଆଜି ବିଧାନସଭାରେ ଏହି ବିଲ୍ ଆଗତ ହୋଇଛି। ଏହି ବିଲ୍ ଆଇନରେ ପରିଣତ ହେଲେ ଆଗାମୀ ଦିନରେ ୟୁସିସି ଅଧୀନରେ ସମସ୍ତ ଧର୍ମର ନାଗରିକ ଗୋଟିଏ ନିୟମ ମାନିବେ।



ପୈତୃକ ସମ୍ପତ୍ତିରେ ପୁଅ-ଝିଅଙ୍କର ସମାନ ଅଧିକାର ସହ ବିବାହ ପାଇଁ ନିର୍ଦ୍ଦିଷ୍ଟ ବୟସ ଏବଂ ବହୁବିବାହ ରୋକିବା ଉପରେ ଏହି ଆଇନ କାର୍ଯ୍ୟକାରୀ ହେବ। ଏଥିସହ ଲିଭ୍-ଇନ୍-ରିଲେସନସିପ୍ ପାଇଁ ମଧ୍ୟ ପଞ୍ଜୀକରଣ ବାଧ୍ୟତାମୂଳକ ରହିବ। ଲିଭ୍-ଇନ୍ ସମ୍ପର୍କରେ ରହିବା ପାଇଁ ୟୁସିସି ନିୟମ କଣ କହୁଛି।

ୟୁସିସି ଲାଗୁହେଲେ ଏଣିକି ଲିଭି-ଇନ୍-ରିଲେସନସିପରେ ଥିବା କିମ୍ବା ରହିବାକୁ ଯୋଜନା କରୁଥିବା କପଲଙ୍କୁ ଜିଲ୍ଲା ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ କରିବାକୁ ପଡ଼ିବ। ଯଦି ୨୧ ବର୍ଷରୁ କମ୍ ବୟସର ପିଲା ରହିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ବାପା-ମାଆଙ୍କଠାରୁ ଅନୁମତି ଆଣିବାକୁ ପଡ଼ିବ। କେବଳ ଏତିକି ନୁହେଁ, ଉତ୍ତରାଖଣ୍ଡର ନାଗରିକତ୍ୱ ଥାଇ ଯଦି ଅନ୍ୟ ରାଜ୍ୟରେ ଲିଭ୍-ଇନରେ ରହିବାକୁ ଚାହୁଁଛନ୍ତି, ତେବେ ସେମାନେ ମଧ୍ୟ ପଞ୍ଜୀକରଣ କରିବାକୁ ବାଧ୍ୟ। ସେହିପରି ଯାହା 'ସାଧାରଣ ନୀତି ଏବଂ ନୈତିକତା ବିରୁଦ୍ଧରେ'ସେ କ୍ଷେତ୍ରରେ ଲିଭ୍-ଇନ୍ ସମ୍ପର୍କକୁ ପଞ୍ଜୀକୃତ କରାଯିବ ନାହିଁ। ଯଦି ଜଣେ ବ୍ୟକ୍ତି ବିବାହିତ କିମ୍ବା ଅନ୍ୟ ସମ୍ପର୍କରେ ଥିବେ, ଯଦି ଏକ ପାର୍ଟନର ନାବାଳକ ହୋଇଥିବେ, ବାଧ୍ୟବାଧକତା କିମ୍ବା ଠକେଇ ହୋଇଥିବ ତେବେ ଲିଭ୍-ଇନ୍ ସମ୍ପର୍କକୁ ପଞ୍ଜିକୃତ କରାଯିବ ନାହିଁ।

ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଲିଭ୍-ଇନ୍ ସମ୍ପର୍କର ବିବରଣୀ ଗ୍ରହଣ କରିବାକୁ ଏକ ୱେବସାଇଟ୍ ପ୍ରସ୍ତୁତ ହେଉଛି। ଏହି ୱେବସାଇଟ୍ ମାଧ୍ୟମରେ ପଞ୍ଜୀକରଣ ହୋଇପାରିବ, ଯାହା ଜିଲ୍ଲା ରେଜିଷ୍ଟ୍ରାରଙ୍କ ଦ୍ୱାରା ବୈଧ, କି ନୁହେଁ ଯାଞ୍ଚ କରାଯିବ। ଆବଶ୍ୟକ ସ୍ଥଳରେ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଉଭୟ ପାର୍ଟନର୍ କିମ୍ବା ଅନ୍ୟ କାହାକୁ ଡକାଯାଇପାରେ। ଯଦି ରେଜିଷ୍ଟ୍ରାର ପଞ୍ଜିକରଣକୁ ଖାରଜ କରିଦିଅନ୍ତି, ତେବେ ତାଙ୍କୁ ଏହାର ଯଥାର୍ଥ କାରଣ ଲିଖିତ ଆକାରରେ ଜଣାଇବେ। ଯଦି ସମ୍ପର୍କ ଶେଷ ହେବାର କାରଣ ଭୁଲ୍ କିମ୍ବା ସନ୍ଦେହଜନକ ମନେହୁଏ, ତେବେ ପୁଲିସ ଏହାର ଯାଞ୍ଚ ପାଇଁ ପାର୍ଟନରଙ୍କୁ ଡକାଇପାରେ। ଯଦି ୨୧ ବର୍ଷର କମ୍ ବୟସ୍କ ପିଲା ହୋଇଥିବେ ତେବେ ସେମାନଙ୍କ ସହ ସେମାନଙ୍କ ଅଭିଭାବକ ମଧ୍ୟ ତଦନ୍ତର ପରିସରକୁ ଆସିବେ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର